## ସଂକ୍ଷେପରେ

### କେନାଲରୁ ମହିଳାଙ୍କ ମୃତଦେହ ଜବତ

ଫୁଲନଖରା,୭।୨(ଡି.ଏନ୍.ଏ.)- କଟକ ସଦର ଥାନା ଅନ୍ତର୍ଗତ ରହୁରା ଗ୍ରାମର ଏକ ଶୁଖିଲା କେନାଲ ଭିତରୁ ମଙ୍ଗଳବାର ଜଣେ ମହିଳାଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଭାଣପୁର ଅଞ୍ଚଳର କାଞ୍ଚନ ଦେଇ। ପୋଲିସ ସୂତ୍ରରୁ ପ୍ରକାଶ, କାଞ୍ଚନ ଜରି ଗୋଟାଇ ତାହାକୁ ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିଲେ। କିଛିଦିନ ହେବ ସେ ଭାଣପୁର ଛାଡି ଏହି ଥାନା ଅନ୍ତର୍ଗତ ରହୁରା ଗ୍ରାମର ସ୍କୁଲ ପାଚେରି ନିକଟରେ ଜରିପାଲ ଟାଣି ରହୁଥିଲେ। ଇତିମଧ୍ୟରେ ତାଙ୍କ ଦେହ ଅସୁସ୍ଥ ହେବାରୁ ମୃତ୍ୟୁ ଘଟିଥିଲା। ପରେ ତାଙ୍କ ପରିବାର ଲୋକେ କାହାକୁ ନ ଜଣାଇ କିଛିଦିନ ତଳେ ମୃତଦେହକୁ କେନାଲ ଭିତରେ ପୋତି ଦେଇଥିଲେ। ହେଲେ କାଞ୍ଚନଙ୍କ ଗୋଡ଼ ଉପରକୁ ଦେଖାଯାଉଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଛି। ଏଥିସହ ଏକ ଅପମୃତ୍ୟୁ ମାମଲା (ନଂ.୨/୨୩)ରୁଜୁ କରି ତଦନ୍ତ ଚଳାଇଛି।

### କୁକୁର କାମୁଡ଼ାରେ ହରିଣ ଆହତ

ଖୁଣ୍ଟୁଣୀ,୭।୨(ଡି.ଏନ.ଏ.)- ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ପ୍ରସନ୍ନାପୁର ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ କୁକୁର କାମୁଡ଼ାରେ ଏକ ହରିଣ ଆହତ ହୋଇଛି। ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ ବନରକ୍ଷୀ ବିଜୟ କେତନ ମଙ୍ଗରାଜ ଓ ବିଭାଗୀୟ କର୍ମଚାରୀଙ୍କ ସହ ଉକ୍ତ ଗ୍ରାମରେ ପହଞ୍ଚି ହରିଣକୁ ଉଦ୍ଧାର କରି ଚିକିତ୍ସା କରିଛନ୍ତି। ସୁନିଆମୁହଁ ସଂରକ୍ଷିତ ଜଙ୍ଗଲରୁ ହରିଣଟି ଗ୍ରାମକୁ ପଶି ଆସିଥିବାବେଳେ କୁକୁରମାନେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ କୁକୁର କବଳରୁ ହରିଣକୁ ଉଦ୍ଧାର କରି ବନ ବିଭାଗକୁ ଖବର ଦେଇଥିଲେ। ହରିଣ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ଜଙ୍ଗଲରେ ଛଡ଼ାଯିବ ବୋଲି ବନାଞ୍ଚଳ ଅଧିକାରୀ ସାହୁ କହିଛନ୍ତି।

### ଧାର୍ଯ୍ୟ ସମୟରେ ଚଣ୍ଡୀ ମନ୍ଦିର କାର୍ଯ୍ୟ ଶେଷକର

କଟକ ଅଫିସ,୭।୨: କଟକ ଚଣ୍ଡୀମନ୍ଦିରର ବିକାଶ ତଥା ରୂପାନ୍ତରଣ ପ୍ରକଳ୍ପରେ ଖୁବ୍‌ଶୀଘ୍ର ଏକ କମର୍ସିଆଲ କମ୍ପ୍ଲେକ୍ସ ନିର୍ମାଣ ହେବ। ଏଥିପାଇଁ ମନ୍ଦିର ପରିସରରେ ଥିବା ପୁରୁଣା ବିଲ୍ଡିଂକୁ ଭାଙ୍ଗି ଦିଆଯାଇଛି। କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଅଧ୍ୟକ୍ଷ ଅନିଲ ସାମଲ, ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ ସିଏମ୍‌ସି କମିଶନର ନିଖିଲ ପଵନ କଲ୍ୟାଣ ମଙ୍ଗଳବାର ନିର୍ମାଣ କାର୍ଯ୍ୟ ତଦାରଖ ସମୟରେ ଉପରୋକ୍ତ ବିଷୟ କହିଥିଲେ। ଇତିମଧ୍ୟରେ ପୁରୁଣା ଢାଞ୍ଚାର ଭଙ୍ଗା କାର୍ଯ୍ୟ ଶେଷ କରାଯାଇ ସେଠାରେ ଥିବା ସାମଗ୍ରୀ ସ୍ଥାନାନ୍ତର କରାଯାଇଛି। ମନ୍ଦିର ଷ୍ଟ୍ରଙ୍ଗ୍ ରୁମ୍ ସ୍ଥାନାନ୍ତର କାର୍ଯ୍ୟ ଶେଷ ହୋଇଥିଲାବେଳେ ସେବାୟତ ଓ ପୂଜକଙ୍କୁ ସ୍ଥାନାନ୍ତର କରାଯାଇଛି। ଅଧିକାରୀମାନେ ଚଣ୍ଡୀମନ୍ଦିରରେ କାର୍ଯ୍ୟ ତଦାରଖ କରିବା ସହ ଓବିସିସି ଓ ଆର୍‌ଏଣ୍ଡବିର ଯନ୍ତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ। ରୂପାନ୍ତରଣ କାର୍ଯ୍ୟ ଧାର୍ଯ୍ୟ ସମୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶୈଳବାଳା ମହିଳା କଲେଜ ଭିତର ଦେଇ ରାସ୍ତା ଡାଇଭର୍ସନ୍ କାମ ଆରମ୍ଭ ହୋଇଥିବାରୁ ସେମାନେ ସନ୍ତୁଷ୍ଟି ପ୍ରକାଶ କରିଥିଲେ।

# ରାଜସ୍ୱ ଆଦାୟ ଚିନ୍ତାରେ ବିଏମ୍‌ସି

**ଟିଠା ବଜେଟ ନେଇ ଆଲୋଚନା**

- ଲକ୍ଷ୍ୟ ୨୭୭.୭୪ କୋଟି, ଆଦାୟ ୭୮.୬୧ କୋଟି
- ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ନିୟୋଜିତ କରିବାକୁ ପ୍ରସ୍ତାବ

ଭୁବନେଶ୍ୱର, ୭।୨ (ବ୍ୟୁରୋ): ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଟିଠା ବଜେଟ ପ୍ରସ୍ତୁତ କରିଛି ବିଏମ୍‌ସି। ଗତ କର୍ପୋରେଶନ ବୈଠକରେ ୬୯୦ କୋଟିର ଟିଠା ବଜେଟ ପ୍ରସ୍ତାବ ଆଗତ କରିବା ପରେ ମଙ୍ଗଳବାର ଏନେଇ ବିସ୍ତୃତ ଆଲୋଚନା କରାଯାଇଛି। ବିଏମ୍‌ସି କାର୍ଯ୍ୟାଳୟରେ ସମସ୍ତ ଷ୍ଟାଣ୍ଡିଂ କମିଟି ଏବଂ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ଏହି ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କେଉଁ ବିଭାଗରେ କେତେ ଟଙ୍କା ଖର୍ଚ୍ଚ ହେବ, ସେ ନେଇ ପ୍ରସ୍ତାବ ଦିଆଯିବା ସହ ଆସନ୍ତା କର୍ପୋରେଶନ ବୈଠକରେ ବଜେଟ ପାସ୍ କରାଯିବ ବୋଲି ସୂଚନା ଦିଆଯାଇଛି। ଅପରପକ୍ଷେ ଟିଠା ବଜେଟ ସହିତ ରାଜସ୍ୱ ଆଦାୟ ନେଇ ମଧ୍ୟ ଆଲୋଚନା କରାଯାଇଥିଲା। ୨୦୨୨-୨୩ ଆର୍ଥିକ ବର୍ଷରେ ମୋଟ୍ ୨୭୭.୭୪କୋଟି ଟଙ୍କାର ରାଜସ୍ୱ ଆଦାୟ ଲକ୍ଷ୍ୟ ରହିଥିବା ବେଳେ ଏହାର ଅଧା ମଧ୍ୟ ଆଦାୟ କରିବାରେ ସଫଳ ହୋଇପାରିନାହିଁ। ଜାନୁୟାରୀ ଶେଷ ସୁଦ୍ଧା ମାତ୍ର ୭୮.୬୧ କୋଟି ଟଙ୍କା ରାଜସ୍ୱ ଆଦାୟ ହୋଇଛି। ଫଳରେ ଲକ୍ଷ୍ୟ ହାସଲର ବହୁ ଦୂରରେ ରହିଛି ବିଏମ୍‌ସି। ତେବେ ଗତ ଆର୍ଥିକ ବର୍ଷ ଅପେକ୍ଷା ଏଥର ଅଧିକ ରାଜସ୍ୱ ଆଦାୟ ହୋଇଥିବାରୁ ଏତିକିରେ ବିଏମ୍‌ସିକୁ ସନ୍ତୁଷ୍ଟ ହେବାକୁ ପଡିଛି। ଅପରପକ୍ଷେ ବିଏମ୍‌ସି ଅଧୀନରେ ମୋଟ୍ ୬୭ଟି ୱାର୍ଡ ଥିବାବେଳେ ମାତ୍ର ୪୧ଜଣ ୱାର୍ଡ ଅଫିସର ଅଛନ୍ତି। ଫଳରେ ସମସ୍ତ ୱାର୍ଡରେ ୱାର୍ଡ ଅଫିସର ନଥିବାରୁ ରାଜସ୍ୱ ଆଦାୟ ଲକ୍ଷ୍ୟ ପୂରଣ ହୋଇପାରୁନାହିଁ। ତେଣୁ ସବୁ ୱାର୍ଡରେ ୱାର୍ଡ ଅଫିସର ନିୟୋଜିତ କରିବା କିମ୍ବା ରାଜସ୍ୱ ଆଦାୟ ପାଇଁ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ନିୟୋଜିତ କରିବାକୁ ବିଏମ୍‌ସି ଫାଇନାନ୍ସ ଷ୍ଟାଣ୍ଡିଂ କମିଟି ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ସେହିପରି ସମସ୍ତ ୱାର୍ଡ ଅଫିସରଙ୍କୁ ଟାର୍ଗେଟ ଦିଆଯିବା ସହ ଟିକସ ଖିଲାପକାରୀଙ୍କ ତାଲିକା ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଖିଲାପକାରୀଙ୍କୁ ରେଡ୍ ନୋଟିସ ଜାରି କରିବା ସହିତ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି। ରାଜସ୍ୱ ସଂଗ୍ରହ ଏବଂ ବୃଦ୍ଧିରେ ସହାୟକ ହେବା ଭଳି ନୂତନ ପ୍ରକଳ୍ପ ନିର୍ମାଣ ନେଇ ବିଏମ୍‌ସି ଯୋଜନା ରଖିଛି ବୋଲି ମେୟର ସୁଲୋଚନା ଦାସ କହିଛନ୍ତି। ଏଥିସହ ନିର୍ଦ୍ଧାରିତ ସମୟ ମଧ୍ୟରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହେବ ବୋଲି ସୂଚନା ଦେଇଛନ୍ତି। ଅପରପକ୍ଷେ ହାତରେ ଆଉ ମାତ୍ର ୧ମାସ ସମୟ ଥିବାବେଳେ ଏହା ଭିତରେ କିପରି ଅଧିକରୁ ଅଧିକ ରାଜସ୍ୱ ଆଦାୟ କରାଯାଇପାରିବ ସେ ନେଇ ବିଏମ୍‌ସି ଅଧିକାରୀ ତତ୍ପରତା ଦେଖାଉଛନ୍ତି। ଏନେଇ କମିଶନର ବିଜୟ ଅମୃତା କୁଲାଙ୍ଗେ ବୁଧବାର ରାଜସ୍ୱ ଆଦାୟ ସମ୍ପର୍କିତ ରିଭ୍ୟୁ ମିଟିଂ ଡାକିଛନ୍ତି। ବିଏମ୍‌ସିର ନୂତନ ବିଲ୍ଡିଂରେ ଏହି ବୈଠକ ଅନୁଷ୍ଠିତ ହେବାକୁ ଥିବାବେଳେ ଏଠାକୁ ସମସ୍ତ ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ, ୱାର୍ଡ ଅଫିସରଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କୁ ଡକାଯାଇଛି।



ରବୀନ୍ଦ୍ର ମଣ୍ଡପରେ ମଙ୍ଗଳବାର ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ସଂଗୀତ ମହାବିଦ୍ୟାଳୟ ଦ୍ୱାରା ପରିବେଷିତ ନାଟକ 'ବକ୍ସି ଜଗବନ୍ଧୁ'ର ଏକ ଦୃଶ୍ୟ।



କଟକ ସାରଳା ଭବନରେ ମଙ୍ଗଳବାର ଅନୁଷ୍ଠିତ ଚେଲିତୋଳ କଲଚରାଲ ଏକାଡେମୀର ବାର୍ଷିକ ଉତ୍ସବରେ ସମ୍ମାନିତ ପ୍ରତିଭାଧାରୀଙ୍କ ଗହଣରେ ଅତିଥିବୃନ୍ଦ।

## ସଚେତନତା ବାର୍ତ୍ତା ଦେଲା 'ମୁଁ ବାହା ହେବି'

ଭୁବନେଶ୍ୱର,୭।୨(ବ୍ୟୁରୋ): ସାମ୍ପ୍ରତିକ କାଳରେ ମଣିଷ ଶିକ୍ଷା ଓ ସଭ୍ୟତାର ଶୀର୍ଷରେ ପହଞ୍ଚିଥିବା ଦାବି କରୁଥିବାବେଳେ ବର୍ତ୍ତମାନ ମଧ୍ୟ ନାରୀକୁ ପଣ୍ୟଦ୍ରବ୍ୟ ଭାବେ ବିବେଚନା କରାଯାଉଛି। ସମାଜରେ ଯୌତୁକ ଭଳି କୁପ୍ରଥା ପାଇଁ ନାରୀକୁ ଅନେକ ଯାତନାର ଶିକାର ହେବାକୁ ପଡୁଛି। ସମାଜରୁ ଏଭଳି ଏଭଳି କୁପ୍ରଥା ଉଚ୍ଛେଦର ବାର୍ତ୍ତା ଦେଇଛି ନାଟକ 'ମୁଁ ବାହା ହେବି'। ସ୍ଥାନୀୟ ଭଞ୍ଜକଳା ମଣ୍ଡପରେ କଳାହାଣ୍ଡି କଳାକାର ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ 'ନାଟ୍ୟଧାରା'ରେ ମଙ୍ଗଳବାର ଏହି ନାଟକ ମଞ୍ଚସ୍ଥ ହୋଇଛି। ନାଟ୍ୟକାର ପ୍ରଫୁଲ୍ଲ ରଥଙ୍କ ରଚିତ ଏହି ନାଟକ ଦର୍ଶକଙ୍କ ମନକୁ ଛୁଇଁଥିଲା। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ, ଓଡ଼ିଶା ନାଟ୍ୟ ସଂଘ ସଭାପତି ହରେନ୍ ସାହୁ, ନାଟ୍ୟକାର ପଞ୍ଚାନନ ଦାଶ, ସଞ୍ଜୟ ପ୍ରହରାଜ ପ୍ରମୁଖ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଦୀପ ଡି. ମାଝି ନାଟକର ନିର୍ଦ୍ଦେଶନା ଭାର ତୁଲାଇଥିବାବେଳେ ଅତିଥିଙ୍କ ଦ୍ୱାରା ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶା ନାଟ୍ୟ ସଂଘର ଉପସଭାପତି ଜିତୁ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କ୍ରୁଟ୍ ପାଇଁ ଭୁବନେଶ୍ୱରକୁ 'ସମ୍ମାନଜନକ ମାନ୍ୟତା' ପୁରସ୍କାର

**ଆଇଟିଡିପି ଦ୍ୱାରା ସଷ୍ଟେନେବଲ ଟ୍ରାନ୍ସପୋର୍ଟ ଆୱାର୍ଡ ଉତ୍ସବ**

ଭୁବନେଶ୍ୱର, ୭।୨(ବ୍ୟୁରୋ): କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ(କ୍ରୁଟ୍)କୁ ଆଉ ଏକ ଆନ୍ତର୍ଜାତିକ ସ୍ୱୀକୃତି ମିଳିବାକୁ ଯାଉଛି। ପ୍ୟାରିସ୍ ସ୍ଥାୟୀ ପରିବହନ ପୁରସ୍କାର (ସଷ୍ଟେନେବଲ ଟ୍ରାନ୍ସପୋର୍ଟ ଆୱାର୍ଡ ବା ଏସ୍‌ଟିଏ)ର ବିଜେତା ହୋଇଥିବାବେଳେ ଭାରତର ଭୁବନେଶ୍ୱର ଏବଂ ମେକ୍ସିକୋର ଷ୍ଟେଟ୍ ଅଫ୍ ଜାଲିସ୍କୋର ନାମ ଏହି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି। କ୍ରୁଟ୍ ମୋ' ବସ୍ ଏବଂ ମୋ ଇ-ରାଇଡ ସେବା ପରିଚାଳନା କରୁଥିବାରୁ ଭୁବନେଶ୍ୱର ନାମ ପୁରସ୍କାରରେ 'ସମ୍ମାନଜନକ ମାନ୍ୟତା' ଭାବେ ଉଲ୍ଲେଖ କରାଯିବାର ଶ୍ରେୟ କ୍ରୁଟ୍‌କୁ ଯାଉଛି। ଗୁରୁବାର ଏହି ପୁରସ୍କାର ପ୍ରଦାନ କରାଯିବ।

ଏନେଇ ଏସ୍‌ଟିଏ ପକ୍ଷରୁ କୁହାଯାଇଛି, ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ବ୍ୟବହାରକାରୀ ଅନୁଭୂତି, ଲିଙ୍ଗଗତ ସମାନତା ଉପରେ ଗୁରୁତ୍ୱ ଦେଉଛି। ଏଥିସହ ଅଧିକ ସଂଯୁକ୍ତ ଗମନାଗମନ ବିକଳ୍ପ ଯୋଗାଇ ଦେଇ ଏହାର ଗଣ ପରିବହନ ସେବାକୁ ମଜଭୁତ ଏବଂ ଆଧୁନିକୀକରଣ କରିବା ଦିଗରେ କାର୍ଯ୍ୟ କରୁଛି। ସେହିପରି ଏହାର ପରିବହନ ବ୍ୟବସ୍ଥାକୁ ଅଧିକ ସୁଲଭ କରିବା ପାଇଁ ସିଟି ବସ୍ ସେବା (ମୋ ବସ୍ ସହିତ ଇ-ବସ୍ ସେବା ପ୍ରଚଳନ) ଏବଂ ଇ-ରିକ୍ସା ସେବା (ମୋ ଇ-ରାଇଡ)ର ସମ୍ପ୍ରସାରଣ ସମେତ ସମୁଦାୟ ପରିବହନ ଭିତ୍ତିଭୂମିରେ ଉନ୍ନତିକୁ ଅଗ୍ରାଧିକାର ଦେଉଛି। ଯାହା ନିରାପତ୍ତା, ଦୀର୍ଘ ସ୍ଥାୟିତ୍ୱ ଏବଂ ଶେଷ ମାଇଲ ସଂଯୋଗୀକରଣ ଉପରେ ଗୁରୁତ୍ୱ ପ୍ରଦାନ କରୁଛି। ଏ ସମ୍ପର୍କରେ କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ କହିଛନ୍ତି, ରାଜ୍ୟ ପାଇଁ ଏଭଳି ଏକ ସ୍ୱୀକୃତି ପାଇବା ଗର୍ବର ବିଷୟ। ଆମେ ନିରନ୍ତର ଭଲ କାମ କରି ଚାଲିବୁ ଏବଂ ରାଜ୍ୟରେ ଦୀର୍ଘସ୍ଥାୟୀ ଗଣ ପରିବହନ ବ୍ୟବସ୍ଥାରେ ବୃଦ୍ଧି ଘଟାଇବାକୁ ଓଡ଼ିଶା ସରକାରଙ୍କ ସହାୟତାରେ ନୂଆ ନୂଆ ପ୍ରୟାସ ସମୂହ କାର୍ଯ୍ୟକାରୀ କରାଯିବ ବୋଲି ସେ କହିଛନ୍ତି। ସେହିପରି କ୍ରୁଟ୍‌ର ଜେନେରାଲ ମ୍ୟାନେଜର ଦୀପ୍ତି ମହାପାତ୍ର କହିଛନ୍ତି, ଟିମ୍‌ର କଠିନ ପରିଶ୍ରମ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଯେ କୌଣସି ରୂପରେ ସ୍ୱୀକୃତି ପ୍ରାପ୍ତ କରିବା ନିଶ୍ଚିତ ଆନନ୍ଦଦାୟକ। ଏହା ଆମକୁ ସର୍ବୋତ୍ତମ ଯାତ୍ରୀ ଅନୁଭୂତି ଯୋଗାଇଦେବା ନିମନ୍ତେ ଅଧିକ ଉଦ୍ୟମ କରିବାକୁ ପ୍ରେରଣା ଯୋଗାଉଛି।

## ଆବାସ ତାଲିକାରୁ ବାଦ୍ ପଡ଼ିବେ ୧୦୬ ଅଯୋଗ୍ୟ ହିତାଧିକାରୀ

କଟକ ସଦର,୭।୨(ଡି.ଏନ୍.ଏ.): କଟକ ସଦର ବ୍ଲକ ଅଧୀନ ୨୩ଟି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ତାଲିକା ଯାଞ୍ଚ ଶେଷ ହୋଇଛି। ମୋଟ ୫୩୩ ଜଣ ଥିବା ଆବାସ ତାଲିକାରୁ ୧୦୬ ଜଣ ଅଯୋଗ୍ୟ ବାଦ୍ ପଡିବେ ବୋଲି ତଦନ୍ତରୁ ଜଣାପଡିଛି। ଆବାସ ଯୋଜନାରେ ପୂର୍ବରୁ ଘର କରିବା ପାଇଁ ନେଇଥିବା କିସ୍ତି ଟଙ୍କା ଅନେକ ଲୋକ ଫେରାଇଥିଲେ ମଧ୍ୟ ସେମାନଙ୍କୁ ଏବେ ନୂତନ ଆବାସ ମିଳିପାରୁନାହିଁ। କାରଣ ସେମାନଙ୍କ ଆର୍ଥିକ ସ୍ଥିତି ଭଲ ଅବସ୍ଥାକୁ ଚାଲି ଆସିଥିବା ତଦନ୍ତବେଳେ ଜଣାପଡିଛି। ଅନେକେ ଗୋଟିଏ ପରିବାରର ସଦସ୍ୟ ହୋଇଥିବାରୁ ଏକାଧିକ ଦେବା ସମ୍ଭବ ହେଉନାହିଁ। ଅପରପକ୍ଷରେ ମଙ୍ଗଳବାର ସୋମପୁର ପଞ୍ଚାୟତରେ ଗ୍ରାମସଭା ଦ୍ୱିତୀୟ ଥର ପାଇଁ ଡକାଯାଇଥିଲା। ସରପଞ୍ଚ ପୀତାମ୍ବର ଦାସଙ୍କ ସଭାପତିତ୍ୱରେ ସଭା ଆରମ୍ଭ ହେବା ମାତ୍ରେ ପଚିଗୁଣ୍ଡ ହୋଇଥିଲା। ଯେପର୍ଯ୍ୟନ୍ତ ୩୮ ଜଣ ହିତାଧିକାରୀଙ୍କୁ ବ୍ଲକ ପ୍ରଶାସନ ଯୋଗ୍ୟ ନ କରିଛି ସେପର୍ଯ୍ୟନ୍ତ ସଭା କରାଇ ଦିଆଯିବ ନାହିଁ ବୋଲି ଉପସ୍ଥିତ ଭୋଟର କହିଥିଲେ। ବିଭିନ୍ନ କାରଣରୁ ୧୫ ଜଣ ଅଯୋଗ୍ୟ ବୋଲି ତଦନ୍ତକାରୀ ଅଧିକାରୀମାନେ ଜାଣିପାରିଥିଲେ। ୨ ଥର ଗ୍ରାମସଭା ସଫଳ ହୋଇ ନ ଥିବାରୁ ଉକ୍ତ ପଞ୍ଚାୟତରେ ଆଉ ଗ୍ରାମସଭା ଡକା ନ ଯାଇ ବିଡିଓ ନିଷ୍ପତ୍ତି ଗ୍ରହଣ କରିବେ ବୋଲି ଜଣାପଡିଛି।

## କରଜ ଟଙ୍କା ନ ଦେବାରୁ ଦମ୍ପତିଙ୍କୁ ଆକ୍ରମଣ

ଭୁବନେଶ୍ୱର,୭।୨(ବ୍ୟୁରୋ): କରଜ ଟଙ୍କା ଶୁଝି ନ ପାରିବାରୁ ଜଣେ ମହିଳା ଓ ତାଙ୍କ ସ୍ୱାମୀଙ୍କୁ ମାଡ଼ ମାରିବା ସହ ଜୋର ଜବରଦସ୍ତ ଗାଡ଼ି ଛଡ଼ାଇ ନେବା ଅଭିଯୋଗରେ ସଂପୃକ୍ତ ଆକ୍ରମଣକାରୀଙ୍କୁ ଖାରବେଳନଗର ଥାନା ପୋଲିସ ଗିରଫ କରିଛି। ସେ ହେଲେ ୟୁନିଟ-୩ ଅଞ୍ଚଳର ନାରାୟଣ ବେହେରା। ତାଙ୍କଠାରୁ ଗୋଟିଏ ସ୍କୁଟି, ବ୍ୟାଙ୍କ ପାସ୍‌ବୁକ ଓ ଏଗ୍ରିମେଣ୍ଟ ପେପର ଜବତ କରିଛି।

ସୂଚନାନୁଯାୟୀ, ଅଭିଯୋଗକାରିଣୀ ମହିଳା ଅଭିଯୁକ୍ତ ନାରାୟଣଙ୍କଠାରୁ ୧୦ପ୍ରତିଶତ ସୁଧ ହାରରେ ୫୦ ହଜାର ଧାର ଆଣିଥିଲେ। କିନ୍ତୁ ଆର୍ଥିକ ସମସ୍ୟା ଯୋଗୁ ମହିଳା ଜଣଙ୍କ ଠିକ ସମୟରେ ଅଭିଯୁକ୍ତଙ୍କ ଟଙ୍କାକୁ ଶୁଝି ପାରି ନ ଥିଲେ। ଫଳରେ ଅଭିଯୁକ୍ତ ମହିଳାଙ୍କ ସ୍ୱାମୀଙ୍କର ସ୍କୁଟିକୁ ଶ୍ରୀୟା ଛକ ନିକଟରୁ ଛଡାଇ ନେବା ସହ ରାସ୍ତାରେ ଆକ୍ରମଣ କରିଥିଲେ। ଏଥିସହ ଟଙ୍କା ନ ଦେଲେ ତାଙ୍କର ସ୍କୁଟିକୁ ବିକ୍ରୟ କରିଦେବାର ଧମକ ଦେଇଥିଲେ। ଏନେଇ ମହିଳା ଜଣଙ୍କ ଖାରବେଳନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲାର ତଦନ୍ତ କରି ଆକ୍ରମଣକାରୀଙ୍କୁ ଗିରଫ କରିଥିଲା।



ପୁରୀ: ଶ୍ରୀଗୌର ବିହାରଠାରେ ଶ୍ରୀମଦ୍ ଭାଗବତ ସପ୍ତାହର ଉଦ୍‌ଘାଟନ ଅବସରରେ ମଙ୍ଗଳବାର ପୁରୀ ମଠ ସଂସ୍କୃତି ସମ୍ପର୍କିତ ପୁସ୍ତକ ଉନ୍ମୋଚନ କରାଯାଉଛି।

## ୪ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ଜଣେ ଗିରଫ

ଭୁବନେଶ୍ୱର,୭।୨(ବ୍ୟୁରୋ): ରାଜଧାନୀର ବିଭିନ୍ନ ସ୍ଥାନରେ ବ୍ରାଉନସୁଗାର ବିକ୍ରି କରୁଥିବା ଜଣେ ବେପାରୀଙ୍କୁ ବଡଗଡ ଥାନା ଅଞ୍ଚଳରୁ ଚଢ଼ାଉ କରି ଅବକାରୀ ମୋବାଇଲ ସ୍କ୍ୱାଡ୍ ଧରିବାରେ ସଫଳ ହୋଇଛି। ଅଭିଯୁକ୍ତ ହେଲେ ବଡ଼ଗଡ ଥାନା ଅଞ୍ଚଳର ସାଗର ସ୍ୱାଇଁ। ତାଙ୍କଠାରୁ ୪୨ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଜବତ ବ୍ରାଉନସୁଗାର ମୂଲ୍ୟ ୪ ଲକ୍ଷ ଟଙ୍କାରୁ ଅଧିକ ହେବ। ଏନେଇ ମାମଲା (ନଂ.୨୨୭/୨୨-୨୩) ରୁଜୁ କରି ଅଭିଯୁକ୍ତ ସାଗରଙ୍କୁ ଅବକାରୀ ସ୍କ୍ୱାଡ୍ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ସାଗର ଏହି ବ୍ରାଉନସୁଗାର କେଉଁଠାରୁ ଆଣୁଥିଲେ ଓ ରାଜଧାନୀର କେଉଁ ସ୍ଥାନରେ ଯୋଗାଉଥିଲେ ତାହାର ତଥ୍ୟ ଜାଣିବା ଲାଗି ସ୍କ୍ୱାଡ୍ ଅଧିକ ତଦନ୍ତ ଚଳାଇଛି।

## ମଠ ସମ୍ପତ୍ତି ଜବରଦଖଲ କରୁଛନ୍ତି ଦୋକାନୀ

- ଭଡ଼ାରେ ଦେଇଥିଲେ ଜାଗା
- ୨୦୨୧ ଡିସେମ୍ବର ଯାଏଁ ଚୁକ୍ତି ଥିଲା

ପୁରୀ ଅଫିସ,୭।୨: ପୁରୀର ବିଭିନ୍ନ ମଠର ଜାଗାରେ ଭଡ଼ା ସୂତ୍ରରେ ଥିବା ଦୋକାନୀମାନେ ମଠ ସମ୍ପତ୍ତିକୁ ଜବରଦଖଲ କରିବା ପାଇଁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ଏ ନେଇ ହାତୀ ଆଖଡା ମହନ୍ତ ସୁଖରାମ ଦାସ ମଙ୍ଗଳବାର ଜିଲାପାଳ, ଉପଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ଭୁବନେଶ୍ୱର ଏଣ୍ଡାଓମେଣ୍ଟକୁ ଲିଖିତ ଆକାରରେ ଅଭିଯୋଗ କରିଛନ୍ତି। ମହନ୍ତ ଦାସ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ଗତ ୫ ବର୍ଷ ପୂର୍ବେ ହାତୀଣ୍‌ଆଖଡା ମଠର ଜାଗାରୁ ୫ଟି ଦୋକାନୀଙ୍କୁ ଦୋକାନ ଘର କରିବା ନିମନ୍ତେ ଭଡ଼ା ଦେବା ପାଇଁ ଚୁକ୍ତି କରିଥିଲେ। ଖାତା ନଂ. ୬୫, ପ୍ଲଟ ନଂ. ୩୧୫ରେ ଉକ୍ତ ଦୋକାନଗୁଡିକ ରହିଛି। ଦୋକାନୀମାନେ ବିଭିନ୍ନ ଔଷଧ ଦୋକାନ ସହ କସମେଟିକ ଷ୍ଟୋର କରିଛନ୍ତି। ଉକ୍ତ ଦୋକାନଗୁଡିକ ସହିତ ମହନ୍ତ ଦାସ ୫ ବର୍ଷ ଅର୍ଥାତ୍ ୨୦୨୧ ମସିହା ଡିସେମ୍ବର ଶେଷ ପର୍ଯ୍ୟନ୍ତ ଚୁକ୍ତି କରିଥିଲେ। ଯାହା ଦୀର୍ଘ ଦିନ ହେବ ସରି ଆସିଲାଣି। ହେଲେ ବର୍ତ୍ତମାନ ସେମାନଙ୍କ ସହିତ ଆଉ କୌଣସି ନୂତନ ଚୁକ୍ତି ସ୍ୱାକ୍ଷରିତ ପାଇଁ ମହନ୍ତ ଦାସ ଆଗ୍ରହୀ ନୁହନ୍ତି। ମାତ୍ର ଉକ୍ତ ଦୋକାନୀମାନେ ଜୋର ଜବରଦସ୍ତ ଆଗକୁ ଆହୁରି ୫ ବର୍ଷ ପାଇଁ ନୂତନ ଘର ଭଡା ଚୁକ୍ତି ପତ୍ର କରିବା ପାଇଁ ବାଧ୍ୟ କରାଇବା ସହିତ ଅନେକ ଧମକ ଦେଉଥିବା ଦାସ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ତେଣୁ ସେ ଘର ଖାଲି କରିବା ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। କୋର୍ଟ ପକ୍ଷରୁ ଲିଗାଲ ନୋଟିସେ ପଠାଯାଇଥିବା ବେଳେ ନୋଟିସେ ଅବଧି ୧୫ ଦିନ ବିତି ଯାଇଥିଲେ ମଧ୍ୟ ଦୋକାନୀମାନେ ଘର ଖାଲି କରୁନାହାନ୍ତି। ଅପରପକ୍ଷେ ଉକ୍ତ ଦୋକାନୀମାନଙ୍କର ଲାଇସେନ୍ସ ଶେଷ ହୋଇଯାଇଥିଲେ ମଧ୍ୟ ସେମାନେ ବେଆଇନ ଭାବେ ବ୍ୟବସାୟ କରୁଛନ୍ତି। ଏ ନେଇ ସେ ଡ୍ରଗ ଇନ୍ସପେକ୍ଟର ପୁରୀ ଏବଂ ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲର ନିର୍ଦ୍ଦେଶକଙ୍କୁ ମଧ୍ୟ ଜଣାଇଥିଲେ। ମାତ୍ର ସେମାନେ ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି। ଏଥିସହ ଦୋକାନ ଗୃହର କୌଣସି ରାସ୍ତା ନ ଥିବାରୁ ସେମାନେ ବେଆଇନ ଭାବେ ଡିଏଚ୍‌ଏଚ୍‌ର ପାଚେରି ଭାଙ୍ଗି ବ୍ୟବସାୟ ଚଳାଉଛନ୍ତି। ତେଣୁ ସମସ୍ତ ଘଟଣାକୁ ଅନୁଧ୍ୟାନ କରି ନ୍ୟାୟ ପ୍ରଦାନ କରିବାକୁ ମହନ୍ତ ଦାସ ଦାବି କରିଛନ୍ତି।

# ଜରିମାନାକୁ କେନ୍ଦ୍ରକରି ଉତ୍ତେଜନା



ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛନ୍ତି।



ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଛି।

- ଟାୟାର ଜାଳି ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ
- ପୋଲିସ-ଜନତା ମୁହାଁମୁହିଁ

ଖୋର୍ଦ୍ଧା ଅଫିସ,୭।୨: ଖୋର୍ଦ୍ଧା ସହରରେ ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ବଢ଼ିଚାଲିଛି। ଏନେଇ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ରାସ୍ତା ଉପରେ ପାର୍କିଂ କରୁଥିବା ଯାନବାହନ ମାଲିକଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ମଙ୍ଗଳବାର ନୂଆ ବସ୍‌ଷ୍ଟାଣ୍ଡଠାରେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ପକ୍ଷରୁ ରାସ୍ତାରେ ପାର୍କିଂ କରିଥିବା ଯାନ ମାଲିକଙ୍କଠାରୁ ଜରିମାନା ଆଦାୟ କରାଯାଉଥିଲା। ଏହି ସମୟରେ କଂଗ୍ରେସ ଯୁବନେତା ଶିଳାଦିତ୍ୟ ପଟ୍ଟନାୟକଙ୍କ ବାଇକ୍‌ରୁ ଜରିମାନା ଆଦାୟକୁ କେନ୍ଦ୍ରକରି ଜଣେ ମହିଳା ଏସ୍‌ଆଇଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଏନେଇ ଉଭୟ ମୁହାଁମୁହିଁ ହୋଇଥିଲେ। ଏସ୍‌ଆଇ ଶିଳାଦିତ୍ୟଙ୍କୁ ଏକ ଧକ୍କା ମାରିଥିବା ନେଇ ଅଭିଯୋଗ ଆଣିଥିଲେ। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ପୋଲିସ ସେଠାରୁ ପଳାଇଥିବା ବେଳେ ଜନସାଧାରଣଙ୍କ ପ୍ରତି ପୋଲିସର ଦୁର୍ବ୍ୟବହାର ପ୍ରତିବାଦରେ ସ୍ଥାନୀୟ ବ୍ୟବସାୟୀ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଫଳରେ ଉଭୟପଟୁ ଆସୁଥିବା ଯାନବାହନ ପ୍ରାୟ ୩୦ ମିନିଟଥ ଧରି ଅଟକି ରହିଥିଲା। ଖବରପାଇ ଟାଉନ ଥାନା ଅଧିକାରୀ ତାରିକ ଅହମ୍ମଦ ଏବଂ ଅନ୍ୟ ପୋଲିସ ଅଧିକାରୀମାନେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ୍ ହୋଇଥିଲା।

ସୂଚନା ମୁତାବକ, ମଙ୍ଗଳବାର ପୂର୍ବାହ୍ନରେ ଟାଉନ ଥାନାର ଜଣେ ମହିଳା ଏସ୍‌ଆଇଙ୍କ ନେତୃତ୍ୱରେ ଏକ ଟିମ୍ ବସ୍‌ଷ୍ଟାଣ୍ଡ ପଟୁ ରାସ୍ତା ଉପରେ ପାର୍କିଂ କରିଥିବା ଯାନବାହନ ମାଲିକଙ୍କଠାରୁ ଜରିମାନା ଆଦାୟ କରୁଥିଲା। ବସ୍‌ଷ୍ଟାଣ୍ଡ ନିକଟରେ ପୌର ପରିଷଦ ମାର୍କେଟ କମ୍ପ୍ଲେକ୍ସ ରହିଛି। ଶିଳାଦିତ୍ୟ କୌଣସି କାମରେ ଆସି ଏକ ରାସ୍ତା ପାର୍ଶ୍ୱରେ ବାଇକ୍ ପାର୍କିଂ କରି କାମ ସାରି ଫେରିବା ବେଳେ ପୋଲିସ ତାଙ୍କଠାରୁ ଚାଲାଣ କାଟିବାକୁ ନେଇ ବିରୋଧ କରିଥିଲେ। ଏଠାରେ ପାର୍କିଂ ସୁବିଧା ନ ଥିବାରୁ କେଉଁଠି ବାଇକ୍ ରଖିବେ ବୋଲି ପ୍ରଶ୍ନ କରିଥିଲେ। ଏନେଇ ସମ୍ପୃକ୍ତ ମହିଳା ଏସ୍‌ଆଇଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ପରେ ଏହା ଉତ୍ତେଜନାର ରୂପ ନେଇଥିଲା। ଏନେଇ ଶିଳାଦିତ୍ୟ କୁହନ୍ତି, ରାସ୍ତା ଉପରେ ଲମ୍ବାରେ ବାଇକ୍ ପାର୍କିଂ ହୋଇଥିବା ବେଳେ କେବଳ ମୋ ବାଇକ୍‌କୁ କାହିଁକି, ସମସ୍ତ ବାଇକ୍ ମାଲିକଙ୍କଠାରୁ ଜରିମାନା ଆଦାୟ କରିବାକୁ ମୁଁ କହିବାରୁ ସେ ହଠାତ୍ ରାଗି ତୁମେ କିଏ, ଆମେ ଯାହା ଚାହିଁବୁ କରିବୁ ବୋଲି କହିବାରୁ ମୁଁ ଏହାର ବିରୋଧ କରିବା ବେଳେ ସେ ମୋତେ ଧକ୍କା ମାରିଥିଲେ ବୋଲି ଗଣମାଧ୍ୟମ ଆଗରେ କହିଛନ୍ତି। ଅନ୍ୟପଟେ ସମ୍ପୃକ୍ତ ମହିଳା ଏସ୍‌ଆଇଙ୍କ ମତାମତ ମିଳିପାରିନାହିଁ। ଏନେଇ ବସ୍‌ଷ୍ଟାଣ୍ଡ ସଦ୍‌ଭାବନା ବ୍ୟବସାୟୀ ସଂଘ ସଭାପତି ଶୋଭନ ଘୋଷ୍ କୁହନ୍ତି, ବସ୍‌ଷ୍ଟାଣ୍ଡ ରାସ୍ତାର ଉଭୟ ପାର୍ଶ୍ୱରେ ଦୋକାନ ରହିଛି। ପୌର ମାର୍କେଟ କମ୍ପ୍ଲେକ୍ସ ସମ୍ମୁଖରେ ଡ୍ରେନ୍ ରହିଛି। ଏଠାରେ ପାର୍କିଂ ସୁବିଧା ନାହିଁ। ଗୋଟିଏ ପାର୍ଶ୍ୱରେ ବ୍ୟାଙ୍କ, ଏକ ଶପିଂ ମଲ୍ ରହିଥିବାରୁ ଲୋକେ ବାଧହୋଇ ରାସ୍ତା ପାର୍ଶ୍ୱରେ ପାର୍କିଂ କରୁଛନ୍ତି। ତେବେ ପୌର ପ୍ରଶାସନ ପକ୍ଷରୁ କୌଣସି ପାର୍କିଂ ସୁବିଧା କରାଯାଇ ନ ଥିବା ଏବଂ ଏନେଇ ପ୍ରଶାସନ ପକ୍ଷରୁ ଆଗୁଆ ସୂଚନା ଦିଆ ନ ଯାଇ ମନଇଚ୍ଛା ଜରିମାନା ଆଦାୟକୁ ବିରୋଧ କରୁଛି। ଏହାର ସମାଧାନ କରା ନ ଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧହେବୁ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଏନେଇ ଥାନାଧିକାରୀ ତାରିକ୍ ଅହମ୍ମଦ କୁହନ୍ତି, ରାସ୍ତା ଉପରେ ପାର୍କିଂ ଯୋଗୁ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହେଉଛି। ଏନେଇ ବିଭିନ୍ନ ମହଲରୁ ଅଭିଯୋଗ ହେଉଛି। ଏ ସମ୍ପର୍କରେ ପୌର ପ୍ରଶାସନ ସହ ଆଲୋଚନା କରାଯିବ। ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି କୁହନ୍ତି, ଏ ସମ୍ପର୍କରେ ପ୍ରଶାସନ ସହ ଆଲୋଚନା କରାଯିବ। ରାସ୍ତା ଉପରକୁ ମାଡ଼ି ଆସିଥିବା ବେପାରୀ, ଡ୍ରେନ୍‌କୁ ଅବରୋଧ କରି ବେପାର କରୁଥିବା ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯିବା ନେଇ ସ୍ଥିର ହୋଇଛି।

## ସଂକ୍ଷେପରେ

### ବିଧବାଙ୍କ ଜମି ହଡ଼ପ ଅଭିଯୋଗ

#### କୋର୍ଟ, ଥାନାର ଦ୍ୱାରସ୍ଥ ହେଲେ ମହିଳା

**ମାହାଙ୍ଗା,୭।୨(ସ୍ୱ.ପ୍ର):** ମାହାଙ୍ଗା ତହସିଲ ଅନ୍ତର୍ଗତ ପାଇକରାପୁର ଗ୍ରାମର ସ୍ୱର୍ଗତ ନନ୍ଦ ପରିଡ଼ାଙ୍କ ବିଧବା ସ୍ତ୍ରୀ ପ୍ରମିଳାଙ୍କ ଜମି ଖାତା ନଂ. ୪୦୪/୯୯, ପ୍ଲଟ ନଂ. ୨୭୬ ଏ୦.୩୪୮୦କୁ ଜାଲିଆତି କରି ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ପଦ୍ମଲାଭ ପରିଡ଼ାଙ୍କ ପୁଅ ସୁଶାନ୍ତଙ୍କ ନାମରେ କେସ ନଂ ୩୪୪୫/୨୦୨୧ରେ ନୂତନ ଖାତା ୪୦୪/୧୧୭ ହୋଇଥିବା ପ୍ରମିଳା କୋର୍ଟ ଓ ଥାନାରେ ଅଭିଯୋଗ କରିଛନ୍ତି। ସୁଶାନ୍ତ ପ୍ରମିଳାଙ୍କ ଜମି ଧୋଇ ଟଙ୍କା ପାଇବା ନେଇ ମାହାଙ୍ଗା ସବରେଜଷ୍ଟ୍ରି କାର୍ଯ୍ୟାଳୟକୁ ଆଣି ତା'ର ଟିପ ଚିହ୍ନ ନେଇ ଜମି ହଡ଼ପ କରିଥିବା ଜାଣିବା ପରେ କୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। ଅଦାଲତ ମାମଲାକୁ ଗ୍ରହଣ କରି ସିଭିଲ ସୁଟ ନଂ ୧୪/୨୩ ଓ ମିସ କେସ ନଂ ୯/୨୩ରେ ପଞ୍ଜୀକୃତ କରିଛନ୍ତି। ଏଥିସହ ବିଭିନ୍ନ ପ୍ରକାର ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ଏବଂ ଜୀବନରୁ ମାରି ଦେବାକୁ ଧମକ ଦେଇଥିବା ନେଇ ପ୍ରମିଳା ଭଦ୍ରେଶ୍ୱର ଥାନାରେ ଗତ ୫ ତାରିଖରେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ସୁଶାନ୍ତଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି।

### ବାପୁଜୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ: ପ୍ରତାପ ନଗରୀ ବିଜୟୀ

**ବଡ଼ମ୍ବା,୭।୨(ଡି.ଏନ୍.ଏ.):** ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖାମେରୀ ଗ୍ରାମସ୍ଥିତ ବାପୁଜୀ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ପଡ଼ିଆରେ ଚାଲିଥିବା ବାପୁଜୀ କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ପ୍ରତାପନଗରୀ ଓ ବାଲୁଗାଁ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଲୁଗାଁକୁ ୫-୦ ଗୋଲରେ ପରାସ୍ତ କରି ପ୍ରତାପ ନଗରୀ ବିଜୟୀ ହୋଇଛି। ପ୍ରତାପ ନଗରୀ ଦଳ ମ୍ୟାଚର ପ୍ରଥମାର୍ଦ୍ଧ ୩ ଓ ଦ୍ୱିତୀୟାର୍ଦ୍ଧରେ ୨ ଏପରି ମୋଟ ୫ ଗୋଲ ସ୍କୋର କରିଥିଲା। ମୁଖ୍ୟ ଅତିଥି ଭାବେ ଶଙ୍ଖାମେରୀ ମହାବିଦ୍ୟାଳୟ ଅଧକ୍ଷ ନରସିଂହ ରାଉତ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ବଡ଼ବାବୁ ଲକ୍ଷ୍ମୀଧର ରାଉଳ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର ଉପସ୍ଥିତ ଥିଲେ। ମୁଖ୍ୟ ରେଫରି ଭାବେ ଧନେଶ୍ୱର ସର୍ଦ୍ଦାର ମ୍ୟାଚ ପରିଚାଳନା କରିଥିବାବେଳେ ବାଦଲ ମହାନ୍ତି ଓ ଆଲୋକ ଦେହୁରୀ ସହଯୋଗ କରିଥିଲେ। ବୁଧବାର ବରଗଡ଼ ଫୁଟବଲ କ୍ଲବ ଓ ଆର୍‌କେ ଏକାଡ଼େମୀ ନୟାଗଡ଼ ମଧ୍ୟରେ ହେବ ବୋଲି ଆୟୋଜକ ଦଳ ସୂତ୍ରରୁ ପ୍ରକାଶ ପାଇଛି।

# ଦୁଲଣାପୁର ପଞ୍ଚାୟତରେ ଭିଜିଲାନ୍ସ ତଦନ୍ତ

**ବାଙ୍କୀ,୭।୨(ସ୍ୱ.ପ୍ର.)**

- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି ଅଭିଯୋଗ ହୋଇଥିଲା
- ୬ ମାସ ବ୍ୟବଧାନ ପରେ ପୁନର୍ବାର ତଦନ୍ତ
- ପୂର୍ବରୁ ବ୍ଲକର ସହକାରୀ ଯନ୍ତ୍ରୀ ଗିରଫ ହୋଇଥିଲେ

ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଦୁର୍ନୀତି ଅଭିଯୋଗ ହୋଇଥିଲା। ମଙ୍ଗଳବାର ଭିଜିଲାନ୍ସ ପକ୍ଷରୁ ଏହି ଆରମ୍ଭ ହୋଇଛି। ଏମ୍‌ଜିଏନ୍‌ଆର୍‌ଇଜିଏରେ ଦୁର୍ନୀତି ନେଇ ଲୋକାୟୁକ୍ତଙ୍କ ନିକଟରେ ପୂର୍ବରୁ ମାମଲା ରୁଜୁ ହୋଇଥିଲା। ରାଜ୍ୟ ଲୋକାୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ କଟକ ଭିଜିଲାନ୍ସ ପକ୍ଷରୁ ବିଭିନ୍ନ ପଞ୍ଚାୟତ ଓ ଡମପଡ଼ା ବ୍ଲକ କାର୍ଯ୍ୟାଳୟରୁ ବିଭିନ୍ନ କାଗଜପତ୍ର ଜବତ କରାଯାଇଥିଲା। ସେଥିପାଇଁ ବ୍ଲକର ୨ ଜଣ କନିଷ୍ଠ ଯନ୍ତ୍ରୀଙ୍କ ବଦଳି ହୋଇଥିବାବେଳେ ବ୍ଲକର ସହକାରୀ ଯନ୍ତ୍ରୀ ପ୍ରଭାତ ରାଉତଙ୍କୁ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ୍ ଗିରଫ କରି କୋର୍ଟ ଚାଲାଣ କରିଛି।


ହାମେରା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଭିଜିଲାନ୍ସ ଟିମ୍ ପକ୍ଷରୁ ତଦନ୍ତ କରାଯାଉଛି।

ଏହାପରେ ୬ ମାସ ବ୍ୟବଧାନ ପରେ ଶିଥିଳ ପଡ଼ିଯାଇଥିବା ଭିଜିଲାନ୍ସ ଟିମ୍ ପୁନର୍ବାର ତଦନ୍ତ ଆରମ୍ଭ କରିଛି। କଟକ ଭିଜିଲାନ୍ସ ବିଭାଗର ୨ଜଣିଆ ଟିମ୍ ଦୁଲଣାପୁର ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ କରିଛନ୍ତି। ଏହି ସମୟରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅନୁପସ୍ଥିତ ଥିବାବେଳେ ଜିଆର୍‌ଏସ୍ ଓ ନବନିର୍ବାଚିତ ସରପଞ୍ଚ ଭିଜିଲାନ୍ସ ଟିମ୍‌କୁ ତଦନ୍ତରେ ସହଯୋଗ କରି ଆଲୋଚନା କରିଥିଲେ। ପରେ ଲ୍ୟାଣ୍ଡ ଡେଭଲପ୍‌ମେଣ୍ଟ ଦୁର୍ନୀତି ଅଭିଯୋଗକୁ ନେଇ ପୂର୍ବତନ ସରପଞ୍ଚଙ୍କ ସମ୍ପର୍କୀୟଙ୍କୁ ଭିଜିଲାନ୍ସ ଟିମ୍ ୧ଘଣ୍ଟା ଜେରା କରିଥିଲେ। ତେବେ ପୂର୍ବତନ ସରପଞ୍ଚ ଓ ତାଙ୍କ ବାପା ଦାଦାମାନେ ଅନୁପସ୍ଥିତ ଥିବାରୁ ତଦନ୍ତ ସମ୍ପୂର୍ଣ୍ଣ ହୋଇ ନ ଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପରେ ଚାରାରୋପଣ ଦୁର୍ନୀତି ଅଭିଯୋଗକୁ ନେଇ ହାମେରା ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ବାରବାଟୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଭିଜିଲାନ୍ସ ଟିମ୍ ତଦନ୍ତ କରାଯିବା ପରେ ଡମପଡ଼ା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚ ତଦନ୍ତ କରିଥିବା ଜଣାପଡିଛି।

# ସାଲେପୁରକୁ ଏନ୍‌ଏସି ଘୋଷଣା ବାଟ ଫିଟିଲା


ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଲୋକପ୍ରତିନିଧି।

**ସାଲେପୁର,୭।୨(ଡି.ଏନ୍.ଏ.)**

### ଲୋକ ପ୍ରତିନିଧିଙ୍କୁ ନେଇ ଜିଲା ପ୍ରଶାସନ ବୈଠକ

ସାଲେପୁରକୁ ଏନ୍‌ଏସି ଘୋଷଣା ନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ରୁଜୁ ହେବାପରେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ମଙ୍ଗଳବାର ଅପରାହ୍ନରେ ୩ଟି ପଞ୍ଚାୟତର ଲୋକ ପ୍ରତିନିଧିମାନଙ୍କୁ ନେଇ ଏକ ବୈଠକ ସାଲେପୁର ବ୍ଲକ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଏହା ପୂର୍ବରୁ ବାଲିସାହି, ଚନ୍ଦ୍ରାଦେଇପୁର, ବାରିଗୋଳ ପଞ୍ଚାୟତର ଲୋକ ପ୍ରତିନିଧିମାନେ ଏନ୍‌ଏସି ହେବା ନେଇ କୌଣସି ଆପତ୍ତି ନଥିବା ସରକାରଙ୍କୁ ଲିଖିତ ଭାବେ ଅବଗତ କରିଥିଲେ। ବ୍ଲକ୍ ସମ୍ମିଳନୀ କକ୍ଷରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ପିଡି ସମସ୍ତ ଲୋକ ପ୍ରତିନିଧିମାନଙ୍କୁ ସାଲେପୁରକୁ ଏନ୍‌ଏସି ମାନ୍ୟତା ଦେଲେ କୌଣସି ଆପତ୍ତି ଅଭିଯୋଗ ଅଛି କି ବୋଲି ବ୍ୟକ୍ତିଗତ ଭାବେ ପ୍ରଶ୍ନ କରିଥିଲେ। ତେବେ କୌଣସି ଆପତ୍ତି ନ ଥିବା ଲୋକ ପ୍ରତିନିଧିମାନେ ଜଣାଇଥିଲେ। ବୈଠକ ପରେ ସାଲେପୁର ଖୁବ୍‌ଶୀଘ୍ର ଏନ୍‌ଏସି ମାନ୍ୟତା ପାଇବା ସ୍ପଷ୍ଟ ହୋଇଥିବା ଜଣାଯାଇଛି।

ସୂଚନାଯୋଗ୍ୟ, ୧୯୮୯ରୁ ସାଲେପୁର ଅଞ୍ଚଳକୁ ଏନ୍‌ଏସି ମାନ୍ୟତା ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଗେଜେଟ୍ ନୋଟିଫିକେସନ୍ କରାଯାଇଥିଲେ ମଧ୍ୟ ରାଜନୈତିକ ଇଚ୍ଛାଶକ୍ତି ଅଭାବ କିମ୍ବା କୌଣସି କାରଣରୁ ଏହା ମିଳିପାରିନାହିଁ। ଏ ନେଇ ସାଲେପୁର ଅଞ୍ଚଳର ବିକାଶ ପରିଷଦ ଅଧ୍ୟକ୍ଷ ନନ୍ଦକିଶୋର ଭୂୟାଁ ସାଲେପୁରକୁ ତୁରନ୍ତ ଏନ୍‌ଏସି ଘୋଷଣା ଦାବିରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସାଲେପୁର ବିଡିଓ ସୂର୍ଯ୍ୟକାନ୍ତ ରାଉତ, ୪୬ନଂ ଜିଲାପରିଷଦ ସଭ୍ୟା ନମିତା ସେଠୀ, ବାଲିସାହି ସରପଞ୍ଚ ପବିତ୍ର ସାମଲ, ଚନ୍ଦ୍ରାଦେଇପୁର ସରପଞ୍ଚ ରଶ୍ମିତା ଦାସ, ବାରିଗୋଳ ସରପଞ୍ଚ ଶିବ ପ୍ରସାଦ ବେହେରା, ବାଲିସାହି ସମିତିସଭ୍ୟା ଗୌତମୀ ମଲ୍ଲିକ, ଚନ୍ଦ୍ରାଦେଇପୁର ସମିତିସଭ୍ୟା ପୁଷ୍ପିତା ଭୂୟାଁ, ବାରିଗୋଳ ସମିତିସଭ୍ୟା ତ୍ରିପୁରା ବେହେରାଙ୍କ ସମେତ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଓ ୩୯ଜଣ ୱାର୍ଡ ସଭ୍ୟସଭ୍ୟା ଉପସ୍ଥିତ ଥିଲେ।

# ଗାଁର ବିକାଶ ହେଲେ ରାଷ୍ଟ୍ର ବିକଶିତ ହେବ


ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ନିଶ୍ଚିନ୍ତକୋଇଲି,୭।୨(ସ୍ୱ.ପ୍ର)**

### ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ବିଭିନ୍ନ ପ୍ରକଳ୍ପ ଲୋକାର୍ପିତ

ଗ୍ରାମାଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ପରି ମୌଳିକ ସୁବିଧା ଯୋଗାଇ ଗାଁର ସର୍ବାଙ୍ଗୀନ ବିକାଶ ହେଲେ ରାଜ୍ୟ ତଥା ଦେଶର ବିକାଶ ହୋଇପାରିବ। କୋଲଣପୁର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ବିଭିନ୍ନ ପ୍ରକଳ୍ପ ଲୋକାର୍ପିତ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ କୋଲଣପୁର ପଞ୍ଚାୟତର ଅର୍ଦ୍ଧାଧିକ ଲୋକ ଅନୁସୂଚିତ ଜାତିର ହୋଇଥିବାରୁ କୋଲଣପୁର ଗ୍ରାମକୁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ସାମିଲ କରିଥିଲେ। ଗ୍ରାମର ବଳଦେବ ଜୀଉ ସ୍କୁଲଠାରେ ୧୦ଲକ୍ଷ ଟଙ୍କା ବ୍ୟୟରେ ସାଇବର କେଫ ନିର୍ମାଣ କରାଯାଇଥିବା ବେଳେ ୭ ନମ୍ବର ଓ ୧ ନମ୍ବର ୱାର୍ଡରେ ୧୮ଲକ୍ଷ ଟଙ୍କା ବ୍ୟୟରେ ୨ଟି ଅଙ୍ଗନୱାଡ଼ି କେନ୍ଦ୍ର, ଦେଢ଼ ଲକ୍ଷ ଟଙ୍କା ବ୍ୟୟରେ ୩ଟି ସ୍ୱତନ୍ତ୍ର ଶୌଚାଳୟ, ୯ ଲକ୍ଷ ଟଙ୍କା ବ୍ୟୟରେ ୨ଟି କଂକ୍ରିଟ ରାସ୍ତା, ୧୫ ଲକ୍ଷ ଟଙ୍କା ବ୍ୟୟରେ କୋଲଣପୁର ଗ୍ରାମରେ ଷ୍ଟ୍ରିଟ ଲାଇଟ ନିର୍ମାଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରେମାନନ୍ଦ ଜେନା ସଭାପତିତ୍ୱ କରିଥିବାବେଳେ ସହ ଜିଲା ସମାଜ ମଙ୍ଗଳ ଅଧିକାରୀ ରବିନାରାୟଣ ମିଶ୍ର, ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ ଓଝା, ବିଡିଓ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ, ବିଇଓ ଲକ୍ଷେହୀରା ଲାବଣ୍ୟବତୀ ବେହେରା, ବୁହାଳୋ ସରପଞ୍ଚ ରମାକାନ୍ତ ମହାନ୍ତି, ଗିରିଶ ଚନ୍ଦ୍ର ମହାପାତ୍ର, ଯତୀନ୍ଦ୍ର ଜେନା, ପ୍ରଶାନ୍ତ ଜେନା, ଭୂପତି ଭୂଷଣ ଷଣ୍ଢଙ୍କ ସମେତ ନିର୍ବାଚିତ ଲୋକ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ସ୍ଥାନୀୟ ସରପଞ୍ଚ ଗୋପବନ୍ଧୁ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟରଞ୍ଜନ ପଣ୍ଡା, ସହକାରୀ ଯନ୍ତ୍ରୀ ବନ୍ୟା ମହାନ୍ତି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସୂଚନା ପ୍ରଦାନ କରିଥିଲେ।

### ଦକ୍ଷିଣଚଣ୍ଡୀ ପୀଠରେ ବାର୍ଷିକ ଯଜ୍ଞ

**ଆଠଗଡ,୭।୨(ସ୍ୱ.ପ୍ର.)**

ଆଠଗଡ ଏନ୍‌ଏସି କନ୍ତୋଳ ଗ୍ରାମସ୍ଥିତ ମା'ଦକ୍ଷିଣ ଚଣ୍ଡୀଙ୍କ ପୀଠରେ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ହୋଇଯାଇଛି। ୨ ତାରିଖରୁ ଆରମ୍ଭ ହୋଇଥିବା ଏହି ଯଜ୍ଞରେ ଆଚାର୍ଯ୍ୟ ସୌମ୍ୟରଞ୍ଜନ ମିଶ୍ର, ଶ୍ରୀନାଥ ହେମକାନ୍ତ ମିଶ୍ର, କୃପାସିନ୍ଧୁ ଦାଶ, ଫକୀର ଦାଶ, ତପନ ଦାଶ, ଶିବ ପ୍ରସାଦ ତ୍ରିପାଠୀ, ସତ୍ୟ ସୁନ୍ଦର ତ୍ରିପାଠୀ ପ୍ରମୁଖ ଯୋଗଦେଇ ବେଦ ପାଠ କରିବା ସହ ୪ ଦିନ ବ୍ୟାପି ଯଜ୍ଞ କାର୍ଯ୍ୟ ସମାପନ କରିଥିଲେ। ମନ୍ଦିର ମୁଖ୍ୟ ପୂଜକ ତଥା ରାଜ ପୁରୋହିତ ସୁଶାନ୍ତ କୁମାର ମିଶ୍ରଙ୍କ ସହ ସେବକ ହୃଷିକେଶ ମହାପାତ୍ର, ମହେଶ୍ୱର ମହାପାତ୍ର, ଶିବରାମ ବେହେରା ମା'ଙ୍କ ପୂଜା ଆରାଧନା କରିଥିଲେ। ଶେଷ ଦିବସରେ ପ୍ରାୟ ୫୦୦୦ରୁ ଊର୍ଦ୍ଧ୍ୱ ଭକ୍ତ ଯୋଗଦେଇଥିଲେ। ଏହି ଅବସରରେ ପ୍ରସାଦ ସେବନ ପାଇଁ ବ୍ୟବସ୍ଥା ହୋଇଥିଲା। ଏହାକୁ ମନ୍ଦିର ପରିଚାଳନା କମିଟି ସଭ୍ୟ ଲକ୍ଷ୍ମୀଧର ପୃଷ୍ଟି, ଲଳିତ ମୋହନ ନାୟକ, ଏନ୍‌ଏସି ଉପାଧ୍ୟକ୍ଷ ବି.ଶୁଭ୍ରଶଙ୍କର ଜ୍ୟୋତି, ସୁନିଲ ଦଳେଇ, ବସନ୍ତ ସାହୁ, ଚନ୍ଦନ ମହାନ୍ତି, ତପନ ଦାସ, ପିଣ୍ଟୁ ମହାପାତ୍ର, ଅନିଲ ଦଳେଇ ଓ ଜଗନ୍ନାଥ ବେହେରାଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ।

# ସରପଞ୍ଚଙ୍କ କୋକେଇକୁ କାନ୍ଧ ଦେଲେ ବିଧାୟକ


ବିଧାୟକ ପ୍ରତାପ ଜେନା ଓ ଅନ୍ୟମାନେ କୋକେଇ କାନ୍ଧେଇ ଶ୍ମଶାନକୁ ଯାଉଛନ୍ତି।

**ନିଶ୍ଚିନ୍ତକୋଇଲି/ମାହାଙ୍ଗା, ୭।୨(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକର ବରିଷ୍ଠ ବିଜେଡି ନେତା, ପୂର୍ବତନ ଜିଲା ପରିଷଦ ସଭ୍ୟ ତଥା ଗୋତରା ସରପଞ୍ଚ ରତ୍ନାକର ସାହୁ(୭୩)ଙ୍କ ପରଲୋକ ଘଟିଛି। ସେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ କଟକ ମେଡିକାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ମରଶରୀର ଗୋତରାରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପରେ ତାଙ୍କ ପାର୍ଥିବ ଶରୀରକୁ ଗ୍ରାମ ପରିକ୍ରମା କରାଯାଇଥିଲା। ଖବରପାଇ ପୂର୍ବତନ ମନ୍ତ୍ରୀ ତଥା ମାହଙ୍ଗା ବିଧାୟକ ପ୍ରତାପ ଜେନା ତାଙ୍କ ଘରେ ପହଞ୍ଚି ପରିବାରକୁ ସମବେଦନା ଜଣାଇବା ସହ କାନ୍ଧରେ କୋକେଇ ନେଇ ଶ୍ମଶାନ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ରତ୍ନାକରଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ଶାରଦା ମୁଖାଗ୍ନି ଦେଇଥିଲେ। ରତ୍ନାକର ଦୀର୍ଘ ବର୍ଷ ଧରି ରାଜନୀତିରେ ସକ୍ରିୟ ଥିଲେ। ସେ ୧୯୯୦, ୨୦୦୨ ଏବଂ ୨୦୨୨ରେ ୩ ଥର ପାଇଁ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ସେହିପରି ୨୦୧୨ରୁ ୧୭ ପର୍ଯ୍ୟନ୍ତ ଜିଲା ପରିଷଦ ସଦସ୍ୟ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସେ ଜଣେ ଦକ୍ଷ ଜନପ୍ରତିନିଧି ଭାବେ ପଞ୍ଚାୟତ ଲାଗି ଅନେକ କାର୍ଯ୍ୟ କରିଛନ୍ତି। ତାଙ୍କ ମୃତ୍ୟୁ ଖବର ପାଇ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ମତଲୁବ ଅଲ୍ଲୀଙ୍କ ପୁଅ ମସୁଦ ଶୋକବ୍ୟକ୍ତ କରିଥିବା ବେଳେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶରତ ନାୟକ, ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଜିଲା ଉପସଭାପତି ଗିରୀଶ ମହାପାତ୍ର, ମାହାଙ୍ଗା ବ୍ଲକ ଅଧ୍ୟକ୍ଷ ଗୀତାଞ୍ଜଳି ମଳିକ, ଜିଲା ପରିଷଦ ସଭ୍ୟ ରିଆଜୁଦ୍ଦିନ ହୋଦା, ପୂର୍ବତନ ସରପଞ୍ଚ ରମେଶ ସ୍ୱାଇଁ ଓ ସରପଞ୍ଚ ସୁଚିତ୍ରା ବେହେରା ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଏହି ଘଟଣାରେ ଅସୁଲପୁର ବଜାରକୁ ବନ୍ଦ ରଖାଯାଇଥିଲା।

# ରୋଭର ରେଞ୍ଜର ସ୍ୱେଚ୍ଛାସେବୀଙ୍କ ପର୍ବତାରୋହଣ

**ବାଙ୍କୀ,୭।୨(ସ୍ୱ.ପ୍ର.)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ୪୦ ଜଣ ରୋଭର ଓ ରେଞ୍ଜର ସ୍ୱେଚ୍ଛାସେବୀଙ୍କ ମଙ୍ଗଳବାର କଟକ ଜିଲା ପାଥପୁର-କୁଶୁପଙ୍ଗି ନିକଟସ୍ଥ ପ୍ରସିଦ୍ଧ ପାଣ୍ଡବବଖରା ପାହାଡ଼ ଚଢି ବୁଲି ଦେଖିଛନ୍ତି। ରୋଭର ଲିଡର ଭୂପତି ଭୂଷଣ ପ୍ରଧାନ ଓ ରେଞ୍ଜର ଲିଡର ଅଧ୍ୟାପିକା ଦେବସ୍ମିତା ରାଉତଙ୍କ ନେତୃତ୍ୱରେ ଏହି ପର୍ବତାରୋହଣ କାର୍ଯ୍ୟକ୍ରମ କରାଯାଇଥିଲା। ପାଣ୍ଡବବଖରା ଗୁମ୍ଫାରେ ଥିବା ପାଣିକୂପ, ବିଭିନ୍ନ ଐତିହାସିକ ଗୁମ୍ଫା, ମହାଭାରତରେ ବର୍ଣ୍ଣିତ ପାଣ୍ଡବ ଗୁମ୍ଫା, ଭୀମଙ୍କ ପାଦ ଚିହ୍ନ, ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ ଏବଂ ଅନେକ ପ୍ରକାରର ପକ୍ଷୀ ଆଦିଙ୍କ ସମ୍ପର୍କରେ ଦେଖିବା ସହ ଜ୍ଞାନ ଆହୋରଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ରାଜକିଶୋର ପାଲ, ମନୋଜ ମହାପାତ୍ର, ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ଡ. ପ୍ରଦୀପ ଦେବତା, ଡ. ରାକେଶ ମହାପାତ୍ର, ଡ. ବିଶ୍ୱରଞ୍ଜନ ସାହୁ, ଚିନ୍ମୟ ଚିର ସୁନ୍ଦର ଦାଶ, ପ୍ରମୁଖ ସାମିଲ ହୋଇଥିଲେ।


ପର୍ବତାରୋହଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ରୋଭର ରେଞ୍ଜର ସ୍ୱେଚ୍ଛାସେବୀମାନେ।

# ଟାଇବ୍ରେକରରେ କଟକ ବିଜୟୀ

**ସାଲେପୁର,୭।୨(ଡି.ଏନ୍.ଏ.)**

### ରାଜ୍ୟସ୍ତରୀୟ ସାଲେପୁର କପ୍ ଫୁଟବଲ

ସାଲେପୁର ହାଇସ୍କୁଲ ଖେଳପଡ଼ିଆଠାରେ ଚାଲିଥିବା ରାଜ୍ୟସ୍ତରୀୟ ସାଲେପୁର କପ୍ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ୩ୟ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗାଲା କ୍ଲବ, କଟକ ଓ ଶ୍ରଦ୍ଧାପୁର କ୍ଲବ, ଖୋର୍ଦ୍ଧା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଗୋଲ ହୋଇପାରି ନ ଥିଲା। ଫଳରେ ଟାଇବ୍ରେକର ଜରିଆରେ ୪-୩ ଗୋଲରେ ଗାଲା କ୍ଲବ କଟକ ବିଜୟୀ ହୋଇଛି। ମୁଖ୍ୟ ଅତିଥି ଭାବେ ସାଲେପୁର ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ରେଫରି ଭାବେ ଜ୍ୟୋତିରଞ୍ଜନ ସ୍ୱାଇଁ, ଜନ୍ ନାୟକ, ଜୀବନଜ୍ୟୋତି ନାୟକ, ରସାନନ୍ଦ ସାମଲ ଯୋଗଦେଇ ଖେଳ ପରିଚାଳନା କରିଥିଲେ। ପ୍ରତିଯୋଗିତାକୁ ବିଭୂତି ଶତପଥୀ, ମୀନକେତନ ବେହେରା, କୃଷ୍ଣଚରଣ ଦାଶ, ସୁରେନ୍ଦ୍ର ନାଥ ବେହେରା, ଅନୁଷ୍ଠାନର କୋଷାଧ୍ୟକ୍ଷ ମାନସରଞ୍ଜନ ସାହୁ, ସମ୍ପାଦକ କିରଣ ଭୂୟାଁଙ୍କ ସମେତ ସାଲେପୁର ସ୍ପୋର୍ଟ୍ସ ଏକାଡେମୀ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ବୁଧବାର ମଙ୍ଗଳା କ୍ଲବ, କଟକ ଓ କଳିଙ୍ଗ କ୍ଲବ, ଭୁବନେଶ୍ୱର ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନ ମିଳିଛି।


ରାଜ୍ୟସ୍ତରୀୟ ସାଲେପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# ମୁଖ୍ୟ ଆକର୍ଷଣ ପାଲଟିଛନ୍ତି ସିନେ ତାରକା

**ସାଲେପୁର,୭।୨(ଡି.ଏନ୍.ଏ.)**

ସାଲେପୁର ପାଟପୁର ଗ୍ରାମରେ ଆରମ୍ଭ ହୋଇଥିବା ଶ୍ରୀଶ୍ରୀ ବିଷ୍ଣୁ ମହାଯଜ୍ଞ ଅବସରରେ ମଙ୍ଗଳବାର ରାଧାନାଥଜୀଉ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିନ ସନ୍ଧ୍ୟାରେ ଏହି ମହୋତ୍ସବ ମଞ୍ଚରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ଦିଲୀପ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବହୁ ସ୍ୱନାମଧନ୍ୟ କଳାକାର ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଆ ଚଳଚ୍ଚିତ୍ର ନାୟିକା ଭୂମିକା ଦାଶ, ପ୍ରୀତି ଜେନା, ହାସ୍ୟ ଅଭିନେତା ଗୁଡ୍ଡୁ, ସୁଭଦ୍ରା ପାଣିଗ୍ରାହୀ, କମେଡିୟାନ୍ ଜ୍ଞାନ ପ୍ରମୁଖଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିସହ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଶେଷକରି ବିଭାଗ ପକ୍ଷରୁ କରାଯାଇଥିବା ଜୟଦେବଙ୍କ ଗୋଟିପୁଅ ନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। କଟକ ଓମ୍ ସାଇ ଦୁର୍ଗା ଡ୍ୟାନ୍ସଗ୍ରୁପ୍ କଳାକାରମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ନୃତ୍ୟ ପରିବେଷଣ କରାଯାଇଥିଲା। ଦିଲ୍ଲୀପ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମହୋତ୍ସବର ମଙ୍ଗଳବାର ସନ୍ଧ୍ୟାରେ ସମିତିସଭ୍ୟ ହିମାଂଶୁ ଶେଖର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅପରପକ୍ଷେ ବିଷ୍ଣୁ ମହାଯଜ୍ଞ ଉପଲକ୍ଷେ ସକାଳୁ ସୂର୍ଯ୍ୟପୂଜା, ଗୋପୂଜା, ବେଦପାଠ, କଳସ ଯାତ୍ରା, ମହାରୁଦ୍ରମ୍ ପାଠ, ଅଗ୍ନି ସ୍ଥାପନ, ଆଳତି ଓ ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜୟ କୁମାର ଦାଶ, ମଦନମୋହନ ଦାଶ, ଜୟନ୍ତ ଦାଶ, ସୁବାସ ଦାଶ, ଜିଲାପରିଷଦ ସଭ୍ୟା ରଞ୍ଜିତା ସେଠୀ, ଶରତ ପ୍ରଧାନ, ସମିତି ସଭ୍ୟ ହିମାଂଶୁ ଦାଶ, ବିଶ୍ୱରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କଳାକାରଙ୍କ ସମେତ ବିଭିନ୍ନ ବ୍ୟକ୍ତି ବିଶେଷମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।


ରାଧାକାନ୍ତଜୀଉ ମହୋତ୍ସବରେ ଯୋଗଦେଇଥିବା ଚଳଚ୍ଚିତ୍ର ତାରକା ଓ ଅନ୍ୟମାନେ।

### ରାଧାକାନ୍ତଜୀଉ ମହୋତ୍ସବ ଉଦ୍‌ଘାଟିତ

**ସଂକ୍ଷେପରେ**

## ପୁରୀ ଜିଲା ଓଏଏସ୍ ଅଫିସର ସଂଘ ବୈଠକ

**ପୁରୀ ଅଫିସ, ୭।୨:** ପୁରୀସ୍ଥିତ ସର୍କିଟ୍ ହାଉସ୍ ସମ୍ମିଳନୀ କକ୍ଷରେ ଜିଲା ଓଏଏସ୍ ଅଧିକାରୀ ସଂଘର ଏକ ବୈଠକ ଅତିରିକ୍ତ ଜିଲାପାଳ (ପ୍ରଶାସନ) ତଥା ସଂଘର ସଭାପତି ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହେବା ସହ ସଂଘର ପୁନର୍ଗଠନ କରାଯାଇଥିଲା। ନୂତନ କମିଟି ଗଠନ ସହ ସଦସ୍ୟମାନଙ୍କର କଲ୍ୟାଣ ଓ ସୁରକ୍ଷା ପାଇଁ ସଂଘର ଦାୟିତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ରାଜ୍ୟସ୍ତରରେ ଓଏଏସ୍ ଆସୋସିଏଶନର ସ୍ୱଳ୍ପ ରହଣି ପାଇଁ ଜମି ଚୂଡ଼ାନ୍ତ ହୋଇଛି। ତେବେ ୯ ଓ ୧୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ଆସୋସିଏଶନ୍ ବୈଠକରେ ଆଲୋଚନା ପାଇଁ ବିବିଧ ପ୍ରସ୍ତାବ ଦିଆଯାଇଥିଲା। ସଦସ୍ୟମାନଙ୍କର ଅନ୍ୟାନ୍ୟ ବିଷୟ ଉପରେ ଆଲୋଚନା କରାଯାଇଥିଲା ଏବଂ ସେହି ଅନୁଯାୟୀ ସଂକଳ୍ପ ପାରିତ ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଦିଲୀପ କୁମାର ମହାପାତ୍ର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ, ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁଙ୍କ ସମେତ ଅନ୍ୟାନ୍ୟ ଓଏଏସ୍ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବିଭିନ୍ନ ଶିଳ୍ପାନୁଷ୍ଠାନ ପରିଦର୍ଶନ କଲେ ଏମ୍‌ବିଏ ଛାତ୍ରୀଛାତ୍ର

**ପୁରୀ ଅଫିସ,୭।୨:** ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଏମ୍‌ବିଏ ବିଭାଗର ଛାତ୍ରୀଛାତ୍ରମଙ୍କର ଶିଳ୍ପାନୁଷ୍ଠାନ ପରିଦର୍ଶନ କାର୍ଯ୍ୟକ୍ରମ ଗତ ୩ଠାରୁ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଅନୁଯାୟୀ ଛାତ୍ରୀଛାତ୍ରମାନେ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣାସ୍ଥିତ ରାଷ୍ଟ୍ରୀୟ ଇସ୍ପାତ ନିଗମ ଲିମିଟେଡ, ଭାରତ ହେଭି ଇଲେକ୍ଟ୍ରିକାଲସ ଲିମିଟେଡ ଇତ୍ୟାଦି ଶିଳ୍ପାନୁଷ୍ଠାନ ପରିଦର୍ଶନ କରିଥିଲେ। ଛାତ୍ରୀଛାତ୍ରମାନେ ସେମାନଙ୍କ ପରିଦର୍ଶନ କାର୍ଯ୍ୟକ୍ରମ ଅନେକ ଅନୁଭୂତି ନେଇ ମଙ୍ଗଳବାର ପୁରୀ ଫେରିଛନ୍ତି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଏମ୍‌ବିଏ ଛାତ୍ରୀଛାତ୍ରମାନେ ଶିଳ୍ପାନୁଷ୍ଠାନଙ୍କର ମାନବ ସମ୍ବଳ ପରିଚାଳନା, ବ୍ୟବସାୟିକ ଓ ବିତ୍ତୀୟ ପରିଚାଳନା ଏବଂ କର୍ପୋରେଟ ସାମାଜିକ ଦାୟିତ୍ୱ ଅଧୀନରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଜ୍ଞାନ ଆହରଣ କରିଛନ୍ତି। ବିଭାଗୀୟ ଅଧ୍ୟାପକ ପ୍ୟାରୀମୋହନ ଜେନା, ରାଜେଶ ତ୍ରିପାଠୀ ଓ ଅଧ୍ୟାପିକା ସୌମ୍ୟା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ଶିଳ୍ପାନୁଷ୍ଠାନ ପରିଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମ୍ପାଦନ କରିବାରେ ଏମ୍‌ବିଏ ବିଭାଗର ମୁଖ୍ୟ ଡ. ସତ୍ୟ ପ୍ରକାଶ ମିଶ୍ର, ଅଧ୍ୟାପକ ଶିବପ୍ରସନ୍ନ ପଟ୍ଟନାୟକ, ଅଭିଷେକ ଶତପଥୀ ଓ ବିଜୟଲକ୍ଷ୍ମୀ ଭୋଳ ସହଯୋଗ କରିଥିଲେ।

# ମଠ ସମ୍ପତ୍ତି ଜବରଦଖଲ କରୁଛନ୍ତି ଦୋକାନୀ

- ଭଡ଼ାରେ ଦେଇଥିଲେ ଜାଗା
- ୨୦୨୧ ଡିସେମ୍ବର ଯାଏଁ ଚୁକ୍ତି ଥିଲା

**ପୁରୀ ଅଫିସ,୭।୨**

ପୁରୀର ବିଭିନ୍ନ ମଠର ଜାଗାରେ ଭଡ଼ା ସୂତ୍ରରେ ଥିବା ଦୋକାନୀମାନେ ମଠ ସମ୍ପତ୍ତିକୁ ଜବରଦଖଲ କରିବା ପାଇଁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ଏ ନେଇ ହାତୀ ଆଖଡା ମହନ୍ତ ସୁଖରାମ ଦାସ ମଙ୍ଗଳବାର ଜିଲାପାଳ, ଉପଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ଭୁବନେଶ୍ୱର ଏଣ୍ଡାଓମେଣ୍ଟକୁ ଲିଖିତ ଆକାରରେ ଅଭିଯୋଗ କରିଛନ୍ତି। ମହନ୍ତ ଦାସ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ଗତ ୫ ବର୍ଷ ପୂର୍ବେ ହାତୀଆଖଡା ମଠର ଜାଗାରୁ ୫ଟି ଦୋକାନୀଙ୍କୁ ଦୋକାନ ଘର କରିବା ନିମନ୍ତେ ଭଡ଼ା ଦେବା ପାଇଁ ଚୁକ୍ତି କରିଥିଲେ। ଖାତା ନଂ. ୬୫, ପ୍ଲଟ ନଂ. ୩୧୫ରେ ଉକ୍ତ ଦୋକାନଗୁଡ଼ିକ ରହିଛି। ଦୋକାନୀମାନେ ବିଭିନ୍ନ ଔଷଧ ଦୋକାନ ସହ କସମେଟିକ ଷ୍ଟୋର କରିଛନ୍ତି। ଉକ୍ତ ଦୋକାନଗୁଡ଼ିକ ସହିତ ମହନ୍ତ ଦାସ ୫ ବର୍ଷ ଅର୍ଥାତ୍ ୨୦୨୧ ମସିହା ଡିସେମ୍ବର ଶେଷ ପର୍ଯ୍ୟନ୍ତ ଚୁକ୍ତି କରିଥିଲେ। ଯାହା ଦୀର୍ଘ ଦିନ ହେବ ସରି ଆସିଲାଣି। ହେଲେ ବର୍ତ୍ତମାନ ସେମାନଙ୍କ ସହିତ ଆଉ କୌଣସି ନୂତନ ଚୁକ୍ତି ସ୍ୱାକ୍ଷରିତ ପାଇଁ ମହନ୍ତ ଦାସ ଆଗ୍ରହୀ ନୁହନ୍ତି। ମାତ୍ର ଉକ୍ତ ଦୋକାନୀମାନେ ଜୋର ଜବରଦସ୍ତ ଆଗକୁ ଆହୁରି ୫ ବର୍ଷ ପାଇଁ ନୂତନ ଘର ଭଡା ଚୁକ୍ତି ପତ୍ର କରିବା ପାଇଁ ବାଧ୍ୟ କରାଇବା ସହିତ ଅନେକ ଧମକ ଦେଉଥିବା ଦାସ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ତେଣୁ ସେ ଘର ଖାଲି କରିବା ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। କୋର୍ଟ ପକ୍ଷରୁ ଲିଗାଲ ନୋଟିସ ପଠାଯାଇଥିବା ବେଳେ ନୋଟିସ ଅବଧି ୧୫ ଦିନ ବିତି ଯାଇଥିଲେ ମଧ୍ୟ ଦୋକାନୀମାନେ ଘର ଖାଲି କରୁନାହାନ୍ତି। ଅପରପକ୍ଷେ ଉକ୍ତ ଦୋକାନୀମାନଙ୍କର ଲାଇସେନ୍ସ ଶେଷ ହୋଇଯାଇଥିଲେ ମଧ୍ୟ ସେମାନେ ବେଆଇନ ଭାବେ ବ୍ୟବସାୟ କରୁଛନ୍ତି। ଏ ନେଇ ସେ ଡ୍ରଗ ଇନ୍ସପେକ୍ଟର ପୁରୀ ଏବଂ ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲର ନିର୍ଦ୍ଦେଶକଙ୍କୁ ମଧ୍ୟ ଜଣାଇଥିଲେ। ମାତ୍ର ସେମାନେ ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି। ଏଥିସହ ଦୋକାନ ଗୃହର କୌଣସି ରାସ୍ତା ନ ଥିବାରୁ ସେମାନେ ବେଆଇନ ଭାବେ ଡିଏଚ୍‌ଏଚ୍‌ର ପାଚେରି ଭାଙ୍ଗି ବ୍ୟବସାୟ ଚଳାଉଛନ୍ତି। ତେଣୁ ସମସ୍ତ ଘଟଣାକୁ ଅନୁଧ୍ୟାନ କରି ନ୍ୟାୟ ପ୍ରଦାନ କରିବାକୁ ମହନ୍ତ ଦାସ ଦାବି କରିଛନ୍ତି।

# ଗୌର ବିହାରରେ ମଠ ଇତିହାସ ପାଣ୍ଡୁଲିପି ପୂଜନ



ଶ୍ରୀ ଗୌର ବିହାରଠାରେ ଶ୍ରୀମଦ୍ ଭାଗବତ ସପ୍ତାହର ଉଦ୍‌ଘାଟନ ଅବସରରେ ପୁରୀ ମଠ ସଂସ୍କୃତି ସମ୍ପର୍କିତ ପୁସ୍ତକ ଉନ୍ମୋଚନ କରାଯାଉଛି।

**ପୁରୀ ଅଫିସ, ୭।୨**

ମାତାମଠସ୍ଥିତ ଶ୍ରୀ ଗୌର ବିହାରଠାରେ ଶ୍ରୀମଦ୍ ଭାଗବତ ସପ୍ତାହର ଶୁଭ ଉଦ୍‌ଘାଟନ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ 'ଶ୍ରୀକ୍ଷେତ୍ରସ୍ଥିତ ମଠ ଇତିହାସ' ଶୀର୍ଷକ ପାଣ୍ଡୁଲିପିର ପୂଜନ ରାଧାବଲ୍ଲଭ ମଠର ମହନ୍ତ ମହାରାଜ ରାମକୃଷ୍ଣ ଦାସଜୀ ଏବଂ ମାତା ମଠର ମଠାଧୀଶ ସୁବଳ ଚରଣ ଦାସଜୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଗବେଷକ ଡ. ଭାସ୍କର ମିଶ୍ରଙ୍କ ଦ୍ୱାରା ପ୍ରସ୍ତୁତ ଏହି ପାଣ୍ଡୁଲିପି ପୂଜନ ଉତ୍ସବରେ ବୃନ୍ଦାବନସ୍ଥିତ ଶ୍ରୀ ସୁଦାମ କୁଟୀର ମଠାଧୀଶ ପୂଜ୍ୟ ଗୁରୁ ମହାରାଜ ଜୀ, ଉତ୍କଳର ଭାଗବତ ବ୍ୟାଖ୍ୟାନର ପଣ୍ଡିତ ସଦାନନ୍ଦ ଦାସଜୀ ମହାରାଜ, ଓଡ଼ିଶା ସମେତ ବହୁ ସାଧୁ ସନ୍ଥ ସନ୍ୟାସୀ, ଗୌରବିହାର ଟ୍ରଷ୍ଟର ସଚିବ ସାରଦା ପ୍ରସନ୍ନ ପ୍ରଧାନ, ହରିହର ଦୋରା, ପ୍ରଫେସର ନରେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ୬୭୦ ପୃଷ୍ଠା ବିଶିଷ୍ଟ ଏହି ପାଣ୍ଡୁ ଲିପିରେ ୧୦୦ରୁ ଊର୍ଦ୍ଧ୍ୱ ମଠର ଇତିହାସ, ସନନ୍ଦ, ମଠ ସମ୍ବନ୍ଧୀୟ ପ୍ରାଚୀନ ଦଲିଲ, ଦୁର୍ଲଭ ଫଟୋଚିତ୍ର ଓ ମଠଗୁଡ଼ିକର ତାଲିକା ଇତ୍ୟାଦି ସ୍ଥାନିତ ହୋଇଛି। ତେବେ ଖୁବ୍‌ଶୀଘ୍ର ଶ୍ରୀକ୍ଷେତ୍ରସ୍ଥିତ ବିଭିନ୍ନ ସମ୍ପ୍ରଦାୟର ମଠାଧୀଶମାନଙ୍କୁ ନିମନ୍ତ୍ରଣ କରାଯାଇ ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର ଉତ୍ସବରେ ସମ୍ବର୍ଦ୍ଧିତ ପୂର୍ବକ ମଠ ଇତିହାସ ଗ୍ରନ୍ଥକୁ ପ୍ରଦାନ କରାଯିବ ବୋଲି ଗ୍ରନ୍ଥ ରଚୟିତା ଡ. ମିଶ୍ର ସୂଚନା ଦେଇଛନ୍ତି।

## ନ୍ୟାୟ ପାଇଁ ଏନ୍‌ଏଚ୍‌ଆର୍‌ସି ଦ୍ୱାରସ୍ଥ

- ମହିଳାଙ୍କୁ ସମ୍ପର୍କୀୟ ବଳାତ୍କାର ଅଭିଯୋଗ ମାମଲା

**ପୁରୀ ଅଫିସ,୭।୨**

ନିମାପଡ଼ା ଥାନା ଅଞ୍ଚଳରେ ଜଣେ ବିବାହିତ ମହିଳାଙ୍କୁ ତାଙ୍କ ସମ୍ପର୍କୀୟ ବଳାତ୍କାର କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେବା ଘଟଣାରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଏ ନେଇ ପୀଡ଼ିତା ମାନବାଧିକାର କର୍ମୀ ଜୟନ୍ତ ଦାଶଙ୍କୁ ଜଣାଇବା ପରେ ସେ ଜାତୀୟ ମାନବ ଅଧିକାର କମିଶନ(ଏନ୍‌ଏଚ୍‌ଆରସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମାମଲାକୁ ଗ୍ରହଣ କରିବା ସହ ଡାଏରୀ ନଂ. ୨୧୯୫/ଇନ୍/୨୦୨୩ରେ ପଞ୍ଜୀକୃତ ହୋଇଛି। ମାନାବାଧିକାର କର୍ମୀ ଦାଶ ଏଥିରେ ଦର୍ଶାଇଛନ୍ତି ଯେ, ମହିଳାଙ୍କୁ ତାଙ୍କ ସମ୍ପର୍କୀୟ ବଳାତ୍କାର କରିବା ଘଟଣାରେ ନିମାପଡା ପୋଲିସ ତତ୍‌କ୍ଷଣାତ ମାମଲା ରୁଜୁ ନ କରିବା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରିଛନ୍ତି। ଠିକ ସମୟରେ ପଦକ୍ଷେପ ଗ୍ରହଣ ନ କରିଥିବାରୁ ଓଡ଼ିଶା ଭିକ୍ଟିମସ କମ୍ପେନସେସନ ସ୍କିମ-୨୦୧୮ ଅନୁସାରେ ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଦାବି କରିଛନ୍ତି। ଏହା ସହ ପୋଲିସ ମହାନିର୍ଦ୍ଦେଶକ ଯଥାଶୀଘ୍ର ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି ଚାର୍ଜଶିଟକୁ ଠିକ୍ ସମୟରେ ଦାଖଲ କରିବା ପାଇଁ ଅନୁରୋଧ କରିଛନ୍ତି। ଏହା ସହ ସମ୍ପୃକ୍ତ ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ଦାବି କରିଛନ୍ତି।

## ଭାରତରେ ଉଚ୍ଚଶିକ୍ଷାର ଚିତ୍ର ସମ୍ବଳିତ ଆଲୋଚନା




ବଳଙ୍ଗା ମହାବିଦ୍ୟାଳୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

**ବଳଙ୍ଗା,୭।୨(ଡି.ଏନ୍.ଏ.)**

ବଳଙ୍ଗା ମହାବିଦ୍ୟାଳୟର ଶିକ୍ଷା ବିଭାଗ ଦ୍ୱାରା ସାମ୍ପ୍ରତିକ ବିଶ୍ୱ ପରିସ୍ଥିତିରେ ଭାରତରେ ଉଚ୍ଚଶିକ୍ଷାର ଚିତ୍ର ସମ୍ବଳିତ ଆଲୋଚନାଚକ୍ର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଭାତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଭୋପାଳସ୍ଥିତ ବରକତ ଉଲ୍ଲା ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ନିରନ୍ତର ଶିକ୍ଷା ବିଭାଗର ମୁଖ୍ୟ ପ୍ରଫେସର ହେମନ୍ତ କୁମାର ଖଣ୍ଡାଇ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଆଗ୍ରାସ୍ଥିତ ଆର୍‌ବିଏସ୍ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବସନ୍ତ ବାହାଦୁର ସିଂହ, ସମ୍ମାନିତ ଅତିଥି ଭାବେ ଭୋପାଳ ରାଣା ପ୍ରତାପ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟ ଅଧ୍ୟକ୍ଷ ଏନ୍.କେ. କୌଶିକ ଓ କ୍ୟାରିୟର କଲେଜର ଉପାଧ୍ୟକ୍ଷ ଅନିତା ଭୋଦରିଆ ଯୋଗ ଦେଇଥିଲେ। ଓଡ଼ିଶା, ଛତିଶଗଡ଼, ମହାରାଷ୍ଟ୍ର, ଗୁଜରାଟ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶରୁ ଆନୀତ ଗବେଷଣା ଆଧାରିତ ୩୯ଟି ଲେଖା ସମ୍ବଳିତ ସ୍ମରଣିକା ଉନ୍ମୋଚନ କରାଯାଇଛି। ରାଜସୁନାଖଳା ମହାବିଦ୍ୟାଳୟର ଅଧ୍ୟାପିକା ଦୀପ୍ତିମୟୀ ଦାଶ ଓ ଶୁଭଶ୍ରୀ ନାୟକ, ଛାତ୍ରୀ ବିଜୟଲକ୍ଷ୍ମୀ ସ୍ୱାଇଁ, ଅପର୍ଣ୍ଣା ପ୍ରଧାନ, ଇତିଶ୍ରୀ ପ୍ରଧାନ ପ୍ରମୁଖ ନିଜ ଲେଖା ଉପସ୍ଥାପନ କରିଥିଲେ। ଉଚ୍ଚ ଶିକ୍ଷାର ବିଭିନ୍ନ ଦିଗ, ବିଭିନ୍ନ ପ୍ରକାର ସମାଧାନର ମାର୍ଗ, ଜାତୀୟ ଶିକ୍ଷାନୀତିର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ପ୍ରଫେସର ଖଣ୍ଡାଇ ବଳଙ୍ଗା ମହାବିଦ୍ୟାଳୟର ୩ଟି ଗରିବ ମେଧାବୀ ଛାତ୍ରୀଙ୍କର ସ୍ନାତକୋତ୍ତର ସମସ୍ତ ବ୍ୟୟ ରାଶି ବହନ ପାଇଁ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ଆଭିମୁଖ୍ୟ ଶିକ୍ଷା ଅଧ୍ୟାପିକା ସସ୍ମିତା ସାହୁ ଉପସ୍ଥାପନା କରିଥିବା ବେଳେ ଅଧ୍ୟାପକ ନୀଳକଣ୍ଠ ମିଶ୍ର ଧନ୍ୟବାଦ ଦେଇଥିଲେ।

## ସରକାରୀ ଜମିରେ ପାଚେରି ନିର୍ମାଣକୁ ବିରୋଧ

**ପିପିଲି,୭।୨(ଡି.ଏନ୍.ଏ.)**

ପିପିଲି ବ୍ଲକ ଅନ୍ତର୍ଗତ କୌଶଲ୍ୟାପୁର ଗ୍ରାମରେ ଏକ ସରକାରୀ ଜମି ଉପରେ ବେଆଇନ ଭାବେ ପାଚେରି ନିର୍ମାଣ କରାଯାଉଛି। ଏହା ଚାଷଜମିକୁ ଅବରୋଧ କରି ନିର୍ମାଣ ହେଉଥିବାରୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏହାଦ୍ୱାରା ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେବାର ଆଶଙ୍କା କରିଛନ୍ତି ପାଣି ପଞ୍ଚାୟତ ସଭାପତି। ବିଶେଷକରି ଏହି ଚାଷଜମିରେ ପାଣି ନିଷ୍କାସନ ସମସ୍ୟା ଉପୁଜିବା ଆଶଙ୍କା କରିବା ସହିତ ଚାଷକାର୍ଯ୍ୟ ପ୍ରଭାବିତ ହେବ ବୋଲି ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କିନ୍ତୁ ଏଥିପ୍ରତି ଅଧିକାରୀମାନେ କୌଣସି ପଦକ୍ଷେପ ନେଉନାହାନ୍ତି ବୋଲି ପାଣି ପଞ୍ଚାୟତ ସଭାପତି ଅଭିଯୋଗ ଆଣିଛନ୍ତି। ଏ ନେଇ ଗ୍ରାମବାସୀ ପିପିଲି ତହସିଲଦାର, ଜିଲାପାଳ ଓ ଜଳସେଚନ ବିଭାଗ ଅଧିକାରୀଙ୍କୁ ଅବଗତ କରାଇଛନ୍ତି। ଯଦି ଉକ୍ତ ପାଚେରି ନିର୍ମାଣକୁ ରୋକା ନ ଯାଏ, ତେବେ ରାଜରାସ୍ତାକୁ ଓହ୍ଲାଇ ପ୍ରତିବାଦ କରାଯିବ ବୋଲି ପାଣି ପଞ୍ଚାୟତ ସଭାପତି ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଅଭିଯୋଗକୁ ସମର୍ଥନ ଜଣାଇଛନ୍ତି ସ୍ଥାନୀୟ ସରପଞ୍ଚ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅନିୟମିତତା

**ତଦନ୍ତ ଦାବି**

**କୋଣାର୍କ,୭।୨(ଡି.ଏନ୍.ଏ.)**

କୋଣାର୍କ ଥାନା ଅଧୀନ ଅଚ୍ୟୁତପୁର ପଞ୍ଚାୟତରେ ସରକାରୀ ଆଇନର ଖୋଲା ଉଲ୍ଲଂଘନ କରାଯାଇଥିବା ସାଧାରଣରେ ଅଭିଯୋଗ ହୋଇଛି। ଜବ୍‌କାର୍ଡ ହିତାଧିକାରୀଙ୍କୁ ଉପେକ୍ଷା କରାଯାଇ ମେଶିନ ଯୋଗେ ପୋଖରୀ ଖନନ କରାଯାଉଛି। ସରକାରୀ ନିୟମ ଅନୁଯାୟୀ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ରାଜ୍ୟ ସରକାର ୧୦୦ଦିନର କାର୍ଯ୍ୟ ଯୋଗାଇ ଦେବାକୁ ସରକାରୀ ନିର୍ଦ୍ଦେଶନାମା ରହିଛି। ପୋଖରୀ ଖନନ କାର୍ଯ୍ୟ ଜବ୍‌କାର୍ଡଧାରୀଙ୍କ ଦ୍ୱାରା ଝୁଡ଼ି, କୋଦାଳ ଓ କୋଡି ସାହାଯ୍ୟରେ କରାଯିବାର ନିୟମ ରହିଛି। ମାତ୍ର ଅଚ୍ୟୁତପୁର ପଞ୍ଚାୟତର ଖରାଗାଁଠାରେ ଜବ୍‌କାର୍ଡ ହିତାଧିକାରୀଙ୍କୁ ଅଣଦେଖା କରି ଗ୍ରାମର କିଛି ମୁଷ୍ଟିମେୟ ବ୍ୟକ୍ତି ମେଶିନ ସାହାଯ୍ୟରେ ଦଳେଇ ସାହି ପୋଖରୀ ଖନନ କରୁଛନ୍ତି ଏବଂ ପୋଖରୀରୁ ବାହାରୁଥିବା ମାଟିଗୁଡ଼ିକୁ ବିକ୍ରି କରୁଛନ୍ତି। ଫଳରେ ସରକାରୀ ଆଇନର ଖୋଲା ଉଲ୍ଲଂଘନ ହେଉଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଏହି ବେଆଇନ ପୋଖରୀ ଖନନ କାର୍ଯ୍ୟ ବନ୍ଦ କରିବା ସହ ଆଗାମୀ ଦିନରେ ଜବ୍‌କାର୍ଡଧାରୀଙ୍କୁ ନେଇ ଅଚ୍ୟୁତପୁର ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ହିତାଧିକାରୀଙ୍କୁ ୧୦୦ ଦିନର କାର୍ଯ୍ୟ ଯୋଗାଇ ଦେବାକୁ ପୁରୀ ଜିଲାପାଳ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଓ ଗୋପ ବ୍ଲକ ବିଡିଓ ପ୍ରମୁଖ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଅଚ୍ୟୁତପୁର ପଞ୍ଚାୟତର ଜବ୍‌କାର୍ଡଧାରୀମାନେ ନିବେଦନ କରିଛନ୍ତି।

# ସାଇବର ଠକେଇ ଉପରେ ସଚେତନତା

**ପୁରୀ ଅଫିସ,୭।୨**




ସାଇବର ଠକେଇ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ପୁରୀକୁ ଆସୁଥିବା ପର୍ଯ୍ୟଟକ ଓ ଭକ୍ତମାନେ କିପରି ଅନଲାଇନ ଠକେଇରୁ ବଞ୍ଚିତ ରହିବେ ସେନେଇ ପୁରୀ ପୋଲିସ ପକ୍ଷରୁ ହୋଟେଲ ଆସୋସିଏଶନଙ୍କ ସହ ମଙ୍ଗଳବାର ପୁରୀ ଟାଉନ ଥାନାରେ ମଙ୍ଗଳବାର ଏକ ସାଇବର ଠକେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କନଫରେନ୍ସ ହଲ୍‌ରେ ଅନୁଷ୍ଠିତ ପୋଲିସର ଦ୍ୱିତୀୟ ସାଇବର ଠକେଇ ସଚେତନ କାର୍ଯ୍ୟକ୍ରମରେ ପୁରୀର ବିଭିନ୍ନ ହୋଟେଲ ଆସୋସିଏଶନ ଏବଂ ମୋବାଇଲ ପ୍ରୋଭାଇଡରମାନେ ଯୋଗଦେଇ ସାଇବର ଠକେଇର ବିଭିନ୍ନ ନୀତିନିୟମ ବିଷୟରେ ଜାଣିଥିଲେ। ପୁରୀକୁ ପ୍ରତିଦିନ ହଜାର ହଜାର ସଂଖ୍ୟକ ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁ ଆସୁଥିବାବେଳେ ସେମାନଙ୍କ ରହଣି ନେଇ ବିଭିନ୍ନ ହୋଟେଲ ସମେତ ଶ୍ରୀମନ୍ଦିର ଭକ୍ତନିବାସରେ ରୁମ ବୁକିଂ କରିବା ଲାଗି କିଭଳି କୌଣସି ଠକାମିରେ ନ ପଡିବେ ସେନେଇ ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ସଚେତନ ଦିଗପ୍ରତି ଧ୍ୟାନ ଦେବାକୁ କୁହାଯାଇଥିଲା। ବିଭିନ୍ନ ସମୟରେ ହୋଟେଲର ୱେବସାଇଟ୍ ସବୁ ନକଲି କରି ଠକେଇ କରାଯାଉଛି। ଯେଉଁ ସବୁ ହୋଟେଲଗୁଡ଼ିକର ୱେବସାଇଟ ନାମରେ ମିଛ ୱେବ ସାଇଟ ଖୋଲାଯିବାର ଦେଖିବାକୁ ପାଉଛନ୍ତି ତତ୍‌କ୍ଷଣାତ ସାଇବର ଥାନାରେ ଜଣାଇବା ଲାଗି ଅତିରିକ୍ତ ଏସ୍‌ପି ମିହିର ପଣ୍ଡା କହିଥିଲେ। ସେହିପରି ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ଭକ୍ତ ଏବଂ ପର୍ଯ୍ୟଟକଙ୍କୁ ଅନ୍‌ଲାଇନ୍ ବୁକିଂ ସହଜ ହେବା ସହ ସେମାନେ କିପରି ଉତ୍ତମ ସେବା ପାଇପାରିବେ ସେନେଇ ସମସ୍ତ ହୋଟେଲ ମାଲିକଙ୍କ ସହ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଏହି ଅନଲାଇନ ଠକେଇ ରୋକିବା ଲାଗି ଆଇଟି ଏକ୍ସପର୍ଟଙ୍କ ପରାମର୍ଶ ନେବାର ଆବଶ୍ୟକତା ରହିଛି ବୋଲି ହୋଟେଲ ମାଲିକମାନେ କହିଛନ୍ତି।

# ବିଦ୍ୟାଳୟ ବାହାରେ ଶିକ୍ଷାର ପ୍ରୟୋଗ ହିଁ ପ୍ରକୃତ ଶିକ୍ଷା

**କଣାସ,୭।୨(ସ୍ୱ.ପ୍ର.)**

କଣାସ ବ୍ଲକ ଦିବ୍ୟସିଂହପୁର ପଞ୍ଚାୟତ ଅନ୍ତର୍ଗତ ତଇଲା ଭଗବତୀପଡ଼ା ଉ.ପ୍ରା. ବିଦ୍ୟାଳୟର ୭୦ତମ ପ୍ରତିଷ୍ଠା ଦିବସ ତଥା ଶିଶୁ ପ୍ରତିଭା ସମ୍ମାନ ଉତ୍ସବ ମଙ୍ଗଳବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ କାଶୀନାଥ ପାଣିଗ୍ରାହୀ ଏଥିରେ ସଭାପତିତ୍ୱ କରିଥିଲେ। ପ୍ରଧାନ ଶିକ୍ଷକ ସାରଥି ଜେନା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଣାସ ମଣ୍ଡଳ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ମିଶ୍ର, ମୁଖ୍ୟବକ୍ତା ଭାବେ ସହ ଶିକ୍ଷା ଅଧିକାରୀ ସୂର୍ଯ୍ୟନାରାୟଣ ନାୟକ ଉପସ୍ଥିତ ଥିଲେ। ଏଥିସହ ପୂର୍ବତନ ଅତିରିକ୍ତ ଶିକ୍ଷା ଅଧିକାରୀ ବୀର କିଶୋର ପ୍ରଧାନ, ସରପଞ୍ଚ ଝରଣା ମିଶ୍ର, ଖବରଦାତା ହେମନ୍ତ ମହାରଥୀ, ଆଞ୍ଚଳିକ ସାଧନକର୍ମୀ ଅଜୟ ବେହେରା, ଶିକ୍ଷକ ନବକିଶୋର ଜେନା, ଶିକ୍ଷକ ନେତା ଭାଗୀରଥି ମହାପାତ୍ର, ଶିକ୍ଷାବିତ୍ ପ୍ରହ୍ଲାଦ ମାନସିଂ, ଶିକ୍ଷକ ବସନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ଶିକ୍ଷାର୍ଥୀଙ୍କୁ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ପୁସ୍ତକ ଭିତରେ ଆବଦ୍ଧ ହେବା ପ୍ରକୃତ ଶିକ୍ଷା ନୁହେଁ, ବରଂ ବିଦ୍ୟାଳୟ ବାହାରେ ପ୍ରୟୋଗ କରିବା ହିଁ ପ୍ରକୃତ ଶିକ୍ଷା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଦୈନନ୍ଦିନ ଜୀବନରେ ଶିକ୍ଷାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ୯୦ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରିଚାଳନା ସମିତି ଅଧ୍ୟକ୍ଷ ନିର୍ମଳ ମାଝୀ, ଶିକ୍ଷୟିତ୍ରୀ ସୁବାସିନୀ ଦେଇ, ପ୍ରଭାତୀ ବରାଳ, ଶିକ୍ଷକ ସୁମନ୍ତ ବେହେରା ଓ ପରିଚାଳନା କମିଟିର ସଦସ୍ୟ ସୁଶିଲ ମାଝୀ, ଈଶ୍ୱର ଚନ୍ଦ୍ର ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।




ଭଗବତୀପଡ଼ାସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ଶିଶୁ ପ୍ରତିଭା ସମ୍ମାନ ଉତ୍ସବରେ ଉପସ୍ଥିତ ଅତିଥିମାନେ।

# ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମହୋତ୍ସବ ଉଦ୍‌ଘାଟିତ

**ପୁରୀ ଅଫିସ,୭।୨**



ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମହୋତ୍ସବରେ ରଖାଯାଇଥିବା ଯନ୍ତ୍ରଗୁଡ଼ିକୁ ଗଣଶିକ୍ଷା, କ୍ରୀଡ଼ା ମନ୍ତ୍ରୀ ଓ ଅନ୍ୟମାନେ ଦେଖୁଛନ୍ତି।

**ଗଣଶିକ୍ଷା, କ୍ରୀଡ଼ା ମନ୍ତ୍ରୀ କୃଷି ଯନ୍ତ୍ରପାତି ବୁଲିଦେଖିଲେ**

ଶରଧାବାଲିଠାରେ ୪ଦିନିଆ ପୁରୀ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମହୋତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଉତ୍ସବରେ ଯୋଗଦେଇ ଉଦ୍‌ଘାଟନ କରି କହିଥିଲେ, କୃଷି ଓ କୃଷକର ବିକାଶ ପାଇଁ ସରକାର ଅନେକ ବ୍ୟବସ୍ଥା କରିଛନ୍ତି। କର୍ନାଟକ ପରେ ଓଡ଼ିଶା ଦ୍ୱିତୀୟ ରାଜ୍ୟ, ଯିଏ କୃଷି ବଜେଟ ଉପସ୍ଥାପନ କରୁଛି। ୨୦୦୦ରୁ ୨୦୨୩ ମଧ୍ୟରେ କୃଷି ବଜେଟରେ ୬ ଗୁଣା ବଢିଛି। କାଳିଆ, ବଳରାମ ଯୋଜନା କୃଷକଙ୍କ ପାଇଁ ପ୍ରଣୟନ କରାଯାଇଛି। ସବ୍‌ସିଡି ମଧ୍ୟ ଦିଆଯାଇଛି। ତେବେ କୃଷି କର୍ମଚାରୀମାନେ ଏହିସବୁ ବ୍ୟବସ୍ଥା ଓ ଅଣଧାନ ଚାଷ ସମ୍ପର୍କରେ, ବୈଷୟିକ ଜ୍ଞାନ ଉପଯୋଗ ସମ୍ପର୍କରେ କୃଷକମାନଙ୍କୁ ଅବଗତ ଓ ସଚେତନ କରାଇବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ କହିଥିଲେ, ବିଗତ ୧୦ବର୍ଷ ମଧ୍ୟରେ ରାଜ୍ୟରେ କୃଷିରେ ଅନେକ ଉନ୍ନତି ହୋଇଛି। ପାରମ୍ପରିକ କୃଷି ବଦଳରେ ଆଧୁନିକ ପ୍ରଣାଳୀରେ ଚାଷ ପାଇଁ କୃଷକମାନେ ଆଗଭର ହେଲେଣି। ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ନିମନ୍ତେ ବୈଷୟିକ ଜ୍ଞାନ କୌଶଳ ଓ ଜୈବିକ ସାର ବ୍ୟବହାର କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଆଧୁନିକ କୃଷି ପ୍ରଣାଳୀ, ଆଧୁନିକ କୃଷି ଯନ୍ତ୍ରପାତି, ମିଶ୍ରିତ ଚାଷ ଉପରେ କୃଷକମାନେ ପଦକ୍ଷେପ ନେବା, ଅର୍ଥକରୀ ଫସଲ ପାଇଁ ଉନ୍ନତ ଯନ୍ତ୍ରପାତିର ଠିକ୍ ଉପଯୋଗ ଓ ପରିଚାଳନା, ଉନ୍ନତ ଯନ୍ତ୍ରୀକରଣର ବିକାଶ ଓ ସୁଯୋଗ ନେବାପାଇଁ ମନ୍ତ୍ରୀ ବେହେରା ପରାମର୍ଶ ଦେଇଥିଲେ। ଜିଲା ପରିଷଦ ସଭାପତି ସ୍ୱପ୍ନାରାଣୀ ସ୍ୱାଇଁ ଯୋଗଦେଇ କୃଷି ଓ କୃଷକର ଉନ୍ନତି ପାଇଁ ଏହି ମେଳା ସହାୟକ ହୋଇପାରିବ ବୋଲି ଆଶାବ୍ୟକ୍ତ କରିଥିଲେ। ଜିଲାପାଳ ସମର୍ଥ ବର୍ମା କୃଷକମାନଙ୍କୁ ମେଳାର ସୁଫଳ ପ୍ରଦାନ ଉପରେ ଗୁରୁତ୍ୱ ଦେଇଥିଲେ। ଉତ୍ସବର ସଭାକାର୍ଯ୍ୟରେ ମୁଖ୍ୟ ଜିଲା କୃଷି ଅଧିକାରୀ ରମେଶ ଚନ୍ଦ୍ର ରାୟ ସଭାପତିତ୍ୱ କରିବା ସହ ଶେଷରେ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷି ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ବ୍ରଜ କିଶୋର ହୋତା, ବ୍ଲକ କୃଷି ଅଧିକାରୀ ପୀୟୂଷ ବଲ୍ଲଭ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିଲେ। କୃଷି ମେଳାରେ ୬୩ଟି କୃଷି ଓ କୃଷି ଯନ୍ତ୍ରପାତି ଷ୍ଟଲ ଏବଂ ୪ଟି ଖାଦ୍ୟ ଷ୍ଟଲ ଖୋଲାଯାଇଛି। ଏହି ମେଳା ଚଳିତ ମାସ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମରେ ଆତ୍ମା କମିଟିର ଅଧ୍ୟକ୍ଷ, ବିଭିନ୍ନ ପଞ୍ଚାୟତ ସମିତିର ଅଧ୍ୟକ୍ଷ, ଜିଲା ପରିଷଦ ସଦସ୍ୟ, କୃଷି ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ଜଳିଗଲା ଏସ୍‌ବିଆଇ ଏଟିଏମ୍ ଶର୍ଟ ସର୍କିଟ୍‌ରୁ ଲାଗିଥିଲା ନିଆଁ

ଭୁବନେଶ୍ୱର,୭।୨(ବ୍ୟୁରୋ): ବ୍ରହ୍ମେଶ୍ୱର ପାଟଣାରେ ଥିବା ଏକ ଏସ୍‌ବିଆଇ ଏଟିଏମ୍‌ରେ ମଙ୍ଗଳବାର ଭୋର ପ୍ରାୟ ୪ଟା ୩୦ରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଏଟିଏମ୍ ସହ ସିଲିଂ ଆଦି ସମ୍ପୂର୍ଣ୍ଣ ଜଳିଯାଇଛି। ଏଟିଏମ୍‌ରେ ଅଗ୍ନିକାଣ୍ଡ ନେଇ କର୍ତ୍ତୃପକ୍ଷ ଜରୁରିକାଳୀନ ନମ୍ବରକୁ ଯୋଗାଯୋଗ କରିବା ପରେ କଳ୍ପନାଛକସ୍ଥିତ ଫାୟାର ଷ୍ଟେଶନର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭା କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଆସିଷ୍ଟାଣ୍ଟ ଫାୟାର ଅଫିସର ମନୋରଞ୍ଜନ ରାଉତଙ୍କ ନେତୃତ୍ୱରେ ୬ଜଣିଆ ଟିମ୍ ଗୋଟିଏ ଦମକଳ ଗାଡ଼ି ସହ ପ୍ରାୟ ୩୦ ମିନିଟ୍‌ରୁ ଊର୍ଦ୍ଧ୍ୱ ସମୟ ପରିଶ୍ରମ କରି ନିଆଁ ଲିଭାଇବାରେ ସକ୍ଷମ ହୋଇଥିଲେ। ତେବେ ଏଟିଏମ୍ ଜଳିଯାଇଥିବାରୁ ସେଥିରେ ଥିବା ଟଙ୍କା ପୋଡ଼ିଯାଇଥିବା ଆଶଙ୍କା କରାଯାଉଛି। ହେଲେ ଏନେଇ ଏଟିଏମ୍ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ଶର୍ଟସର୍କିଟ୍‌ରେ ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ଆସିଷ୍ଟାଣ୍ଟ୍ ଫାୟାର ଅଫିସର ରାଉତ କହିଛନ୍ତି।

### ଜମି ଯୋଗାଇଦେବା ନାଁରେ ୧୬ ଲକ୍ଷ ଠକେଇ ମହିଳାଙ୍କ ସମେତ ୨ ଗିରଫ

ଭୁବନେଶ୍ୱର,୭।୨(ବ୍ୟୁରୋ): ଜମି ଯୋଗାଇଦେବା ନାଁରେ ୧୬ ଲକ୍ଷ ଟଙ୍କା ଠକିବା ଅଭିଯୋଗରେ ତମାଣ୍ଡୋ ଥାନା ପୋଲିସ ମହିଳାଙ୍କ ସମେତ ୨ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନୟାଗଡ଼ ଜିଲା ଇଟାମାଟି ଥାନା ଅଞ୍ଚଳର ସ୍ନେହଲତା ପ୍ରଧାନ ଓ ବିଶ୍ୱନାଥ ପ୍ରଧାନ। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ସୂଚନାନୁଯାୟୀ, ଜମି ଯୋଗାଇଦେବା ନିମନ୍ତେ ଅଭିଯୋଗକାରୀଙ୍କ ନିକଟରୁ ଅଭିଯୁକ୍ତଦ୍ୱୟ ବିଭିନ୍ନ ପର୍ଯ୍ୟାୟରେ ୧୬ ଲକ୍ଷ ଟଙ୍କା ନେଇଥିଲେ। ୨୦୨୨ ଜୁଲାଇ ୨୯ରେ ଉଭୟ କ୍ରେତା ଓ ବିକ୍ରେତାଙ୍କ ମଧରେ ଏକ ଚୁକ୍ତିନାମା ହୋଇଥିଲା। ସେହି ବର୍ଷ ଅଗଷ୍ଟ ୨୮ ତାରିଖରେ ସମ୍ପୃକ୍ତ ପ୍ଲଟ୍‌ର ବିକ୍ରୟ କାର୍ଯ୍ୟ ତ୍ୱରାନ୍ୱିତ ହେବା ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା। ପରବର୍ତ୍ତୀ ସମୟରେ ଅଭିଯୋଗକାରୀ ଅଭିଯୁକ୍ତମାନଙ୍କୁ ସମ୍ପୃକ୍ତ ପ୍ଲଟ୍‌କୁ ନିଜ ଅଧୀନକୁ ନେବାପାଇଁ କହିବାରୁ ଅଭିଯୁକ୍ତମାନେ ତାଙ୍କୁ ଗାଳିଗୁଲଜ କରିବା ସହିତ ତାଙ୍କ ବିରୋଧରେ ମିଥ୍ୟା ମାମଲା ରୁଜୁ କରିବାର ଧମକ ଦେଇଥିଲେ। ଏନେଇ ଅଭିଯୋଗକାରୀ ତମାଣ୍ଡୋ ଥାନାରେ ଅଭିଯୋଗକରିବା ପରେ ପୋଲିସ ମାମଲାର ତଦନ୍ତ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା।

### ୧୭ କେଜି ଗଞ୍ଜେଇ ଜବତ, ମହିଳା ଗିରଫ

ଭୁବନେଶ୍ୱର,୭।୨(ବ୍ୟୁରୋ) : ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରୟାଲ କଲେଜ ଛକରେ ଅବକାରୀ ଟିମ୍ ଚଢ଼ାଉ କରି ଜଣେ ମହିଳାଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତା ମହିଳା ଜଣଙ୍କ ହେଲେ ପାର୍ବତୀ ଦାସ। ତାଙ୍କଠାରୁ ୧୭ କେଜି ଗଞ୍ଜେଇ ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଇ ଦିଆଯାଇଛି। ଗଞ୍ଜେଇ ବେପାର କରିବା ପାଇଁ ଗ୍ରାହକଙ୍କୁ ଅପେକ୍ଷା କରିଥିବା ବେଳେ ଅବକାରୀ ଟିମ୍ ଚଢ଼ାଉ କରି ତାଙ୍କୁ ଧରିଥିଲା।

### ଖଣ୍ଡଗିରି ମଇଦାନରେ ତୁଳସୀ, କଳିଙ୍ଗ

ଭୁବନେଶ୍ୱର,୭।୨(ବ୍ୟୁରୋ): ଖଣ୍ଡଗିରି ଯାତ୍ରା ମହାସମରର ଶେଷ ପର୍ଯ୍ୟାୟରେ କଳିଙ୍ଗ ଓ ତୁଳସୀ ଗଣନାଟ୍ୟ ଯୋଡ଼ି ହୋଇ ଦର୍ଶକଙ୍କୁ ଭରପୁର ମନୋରଞ୍ଜନ ଯୋଗାଇଛନ୍ତି। ପ୍ରଥମ ରାତିରେ କଳିଙ୍ଗ ଗଣନାଟ୍ୟର 'ସଞ୍ଜ ଆସେ ନଇଁ ନଇଁଲୋ' ଏବଂ ତୁଳସୀ ଗଣନାଟ୍ୟର 'ଅଧାରାତିର ସାଥୀ' ମଧ୍ୟରେ ଟକ୍କର ଦେଖିବାକୁ ମିଳିଥିଲା। ଉଭୟ ପେଣ୍ଡାଲ ହାଉସଫୁଲ୍ ହୋଇଥିଲା। ମେଲୋଡ଼ି ଠାରୁ ଆରମ୍ଭ କରି ନାଟକର କାହାଣୀ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଲିଲି ଦାଶଙ୍କ ରଚିତ ନାଟକ 'ସଞ୍ଜ ଆସେ ନଇଁ ନଇଁଲୋ' ଅଶ୍ରୁମୋଚନଙ୍କ ନିର୍ଦ୍ଦେଶନାରେ ଜୀବନ୍ତ ହୋଇ ଉଠିଥିଲା। ଦମଦାର ସଂଳାପ ସାଙ୍ଗକୁ ବିକାଶ ଶୁକ୍ଲାଙ୍କ ସଙ୍ଗୀତ ମନୋରଞ୍ଜନକୁ ଦ୍ୱିଗୁଣିତ କରିଥିଲା। ସେହିପରି ପ୍ରଦୀପ ବେହେରାଙ୍କ ରଚିତ ତଥା ନିର୍ଦ୍ଦେଶିତ ନାଟକ ଅଧା ରାତିର ସାଥି ଦର୍ଶକଙ୍କ ମନରେ ରୋମାଞ୍ଚ ଭରିଥିଲା। ପୂର୍ବରୁ ଯାତ୍ରା ଜୁଏଲ୍ ସ୍ୱର୍ଣ୍ଣ ମନ୍ଦିର, ଯାତ୍ରା ସ୍ୱର୍ଣ୍ଣ ମହଲ, କୋଣାର୍କ ଗଣନାଟ୍ୟ, ଯାତ୍ରା ରଙ୍ଗମହଲରେ ପରିବେଷିତ ହୋଇଥିବା ନାଟକ ପୁଣିଥରେ ମଞ୍ଚସ୍ଥ ହୋଇଥିଲେ ମଧ ଦର୍ଶକଙ୍କ ସଂଖ୍ୟା କମି ନ ଥିଲା। ଆଉ ୩ ରାତି ଅପେରା ମହାସମର ଚାଲିଥିବାବେଳେ ମୀନାବଜାରରେ ମଧ କିଣାବିକା ସହ ଦୋଳି ଖେଳର ମଜା ଜମୁଛି।

# ରାତି ୧୦ଟାରେ ଉଠିବ ମହାଦୀପ

**ଶ୍ରୀଲିଙ୍ଗରାଜଙ୍କ ଜାଗରଯାତ୍ରା ନେଇ ସମନ୍ୱୟ ବୈଠକ**

- ମନ୍ଦିର ଭିତରକୁ ମୋବାଇଲ ମନା
- ବୈଠକରେ ଯୋଗଦେଲେନି ପ୍ରମୁଖ ସେବାୟତ

ପୁରୁଣା ଭୁବନେଶ୍ୱର,୭।୨(ଡି.ଏନ୍.ଏ.): ଆସନ୍ତା ୧୮ ତାରିଖରେ ମହାଶିବରାତ୍ରି। ଏହି ପରିପ୍ରେକ୍ଷୀରେ ଏକାମ୍ର କ୍ଷେତ୍ରର ଆରାଧ୍ୟ ଦେବ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଜାଗରଯାତ୍ରା ତଥା ମହାଶିବରାତ୍ରି ଆଡ଼ମ୍ବରରେ ପାଳନ ହେବ। ଏନେଇ ମଙ୍ଗଳବାର ସନ୍ଧ୍ୟାରେ ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ସର୍କିଟ ହାଉସରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ତଥା ମନ୍ଦିର ଟ୍ରଷ୍ଟବୋର୍ଡର ସଭାପତି କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିଲେ। ବୈଠକରେ ବିଭିନ୍ନ ବିଭାଗକୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ମନ୍ଦିର ପ୍ରଶାସନ


ସମନ୍ୱୟ ବୈଠକରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ମେୟର ସୁଲୋଚନା ଦାସ, ଅଧିକାରୀ ଏବଂ ଅନ୍ୟମାନେ।

ପକ୍ଷରୁ ସ୍ଥିରୀକୃତ ନୀତିନିର୍ଘଣ୍ଟ ଅନୁଯାୟୀ ଭୋର ୩ଟାରୁ ୩ଟା ୩୦ ମଧ୍ୟରେ ମଙ୍ଗଳ ଆଳତି, ୩ଟା ୩୦ରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ସାହାଣମେଲା ଦର୍ଶନ ପରେ ଅନ୍ୟାନ୍ୟ ନୀତି ହୋଇ ରାତି ୧୦ଟାରେ ମହାଦୀପ ମନ୍ଦିର ଚୂଡ଼ାକୁ ଉଠାଯିବା ନେଇ ସ୍ଥିର ହୋଇଛି। ଶିବରାତ୍ରିରେ ମନ୍ଦିର ଭିତରକୁ ମୋବାଇଲ, କ୍ୟାମେରା ନେବା ଉପରେ କଟକଣା କରାଯାଇଛି। ଏନେଇ ଡାକବାଜି ଯନ୍ତ୍ର ମାଧ୍ୟମରେ ଘୋଷଣା କରାଯିବ। ଏଥିସହ ଅସ୍ଥାୟୀ ଚପଲ ଷ୍ଟାଣ୍ଡ ସଂଖ୍ୟା ବୃଦ୍ଧି କରାଯିବ। ବୈଠକରେ ପୂଜାପଣ୍ଡା, ବ୍ରାହ୍ମଣ ନିଯୋଗ ପରି ଅନ୍ୟ କେତେକ ପ୍ରମୁଖ ସେବାୟତ ଅନୁପସ୍ଥିତ ଥିଲେ। ନୂତନ ଭାବେ ନିର୍ବାଚିତ କର୍ପୋରେଟର ନିଜ ଅଞ୍ଚଳର କର୍ମକର୍ତ୍ତାଙ୍କୁ ଦୃଷ୍ଟିରେ ରଖି ପାସ୍ ସଂଖ୍ୟା ବଢ଼ାଇବାକୁ ଦାବି କରିଥିଲେ। ଏହି ପ୍ରସ୍ତାବକୁ ଅନ୍ୟ ଏକ ଅନ୍ତରୀଣ ବୈଠକରେ ସ୍ଥିର କରାଯିବାକୁ କୁହାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଏମ୍‌ସି ମେୟର ସୁଲୋଚନା ଦାସ, ମନ୍ଦିର ପ୍ରଶାସନ କାର୍ଯ୍ୟନିର୍ବାହୀ ଅଧିକାରୀ ଭବାନୀ ପ୍ରସାଦ ମିଶ୍ର, ଜୋନ-୨ ଏସିପି ଅନିରୁଦ୍ଧ ରାଉତରାୟ, ଲିଙ୍ଗରାଜ ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର, ବିଏମ୍‌ସି ଜୋନାଲ ଡେପୁଟି କମିଶନର ପ୍ରିୟବ୍ରତ ପାଢ଼ୀ, ଉପଜିଲାପାଳ ଦେବବ୍ରତ ସାହୁ, କର୍ପୋରେଟର ଚନ୍ଦ୍ରଶେଖର ମଲ୍ଲିଆ, ଶିବ ପ୍ରସାଦ ବେହେରା, ବିରଞ୍ଚି ନାରାୟଣ ମହାସୁପକାର ପ୍ରମୁଖ ଉପସ୍ଥିତ ଥିଲେ।

# ତାମ୍ପରା ହ୍ରଦର ପୁନରୁଦ୍ଧାର ହେଉ

**ଓଡ଼ିଶା ପରିବେଶ ସୋସାଇଟିର ଦାବି**

ଭୁବନେଶ୍ୱର, ୭।୨ (ବ୍ୟୁରୋ)

ରାମ୍‌ସାର ସ୍ଥଳୀ ଭାବେ ମାନ୍ୟତା ହାସଲ କରିଥିବା ଆର୍ଦ୍ରଭୂମି ତାମ୍ପରା ହ୍ରଦର ପୁନରୁଦ୍ଧାର ପାଇଁ ଦାବି କରିଛି ଓଡ଼ିଶା ପରିବେଶ ସୋସାଇଟି (ଓଇଏସ୍)। ତାମ୍ପରା ହ୍ରଦ ହେଉଛି ୭୪୦ ଏକର ବିଶିଷ୍ଟ ଏକ ମଧୁରଜଳ ହ୍ରଦ, ଯାହା ଓଡ଼ିଶାର ଗଞ୍ଜାମ ଜିଲାର ଛତ୍ରପୁର ସହର ନିକଟରେ ଥିବା ଋଷିକୂଲ୍ୟା ନଦୀର ଡାହାଣ ପାର୍ଶ୍ୱରେ ଅବସ୍ଥିତ ଏବଂ ଏହା ସହିତ ସଂଯୁକ୍ତ। ପର୍ଯ୍ୟଟନ ନାମରେ ବିକାଶମୂଳକ କାର୍ଯ୍ୟକ୍ରମରେ ବେପରୁଆ ଭାବରେ ଏଠାରେ କଂକ୍ରିଟ ଭିତ୍ତିଭୂମି ଗଠନ କରାଯାଉଛି। ହ୍ରଦ ପରିସଂସ୍ଥାରେ ଅନୁପ୍ରବେଶ ଦ୍ୱାରା ରାମସାର୍ ନିୟମ ଏବଂ ଭାରତ ସରକାରଙ୍କ ଆର୍ଦ୍ରଭୂମି (ସଂରକ୍ଷଣ ଏବଂ ପରିଚାଳନା) ନିୟମ (୨୦୧୦ ଏବଂ ୨୦୧୭)ର ଉଲ୍ଲଂଘନ ଘଟୁଛି, ଯାହାକି ବାସ୍ତବିକ ମନୋରଞ୍ଜନ ପର୍ଯ୍ୟଟନ ଅଟେ। ଏକ ରାମସାର୍‌ସ୍ଥଳୀ ଭାବରେ ଏହି ହ୍ରଦର ପୁନରୁଦ୍ଧାର ଏବଂ ଏହାର ଜୈବ ବିବିଧତାର ସୁରକ୍ଷା ନିମନ୍ତେ ସମନ୍ୱିତ ପରିଚାଳନା ଯୋଜନା ମାଧ୍ୟମରେ ସମସ୍ତ ପ୍ରକାର ସଂରକ୍ଷଣ ବ୍ୟବସ୍ଥା ଗ୍ରହଣର ଆବଶ୍ୟକତା ରହିଛି। ତେଣୁ ଏହା ସମସ୍ତ ପ୍ରକାରର ଜବରଦଖଲରୁ ମୁକ୍ତହେବା ଉଚିତ ଏବଂ ଏହାର ପରିବେଶ ଉପରେ ସମସ୍ତ ପ୍ରକାରର ବାହ୍ୟ ହସ୍ତକ୍ଷେପକୁ ରୋକାଯିବା ଆବଶ୍ୟକ। ଏହାକୁ ଦୃଷ୍ଟିରେ ରଖି ଓଇଏସ୍ ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର ଏବଂ ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ ଓଡ଼ିଶା ସରକାରଙ୍କୁ ରାମସାର୍ ସମ୍ମିଳନୀର ନିର୍ଦ୍ଦେଶାବଳୀକୁ ଅବଲମ୍ବନ କରି ଉପଯୁକ୍ତ ସଂରକ୍ଷଣ ପଦକ୍ଷେପ ଗ୍ରହଣ କରିବା ପାଇଁ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଅନୁରୋଧ କରିଛନ୍ତି। ଏହାଦ୍ୱାରା ତାମ୍ପରା ପରି ଅନନ୍ୟ ଆର୍ଦ୍ରଭୂମିରେ କୌଣସି ଅପ୍ରାକୃତିକ କ୍ଷୟକ୍ଷତି ବା ଅବନତି ଘଟିବ ନାହିଁ ବୋଲି ସେମାନେ ଉଲ୍ଲେଖ କରିଛନ୍ତି।


ଶ୍ରୁତି ଅନୁଷ୍ଠାନ ପକ୍ଷରୁ ସୂଚନା ଭବନରେ ଆୟୋଜିତ ସଙ୍ଗୀତ ସମାରୋହର ଉଦ୍‌ଯାପନ ଅବସରରେ ଜଣେ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।

# ଓଡ଼ିଶୀ ସଙ୍ଗୀତ, ଲଘୁ ସଙ୍ଗୀତ ସମାରୋହ ଉଦ୍‌ଯାପିତ

ଭୁବନେଶ୍ୱର,୭।୨ (ବ୍ୟୁରୋ)

ସାଂସ୍କୃତିକ ଅନୁଷ୍ଠାନ ଶ୍ରୁତି ପକ୍ଷରୁ ଆୟୋଜିତ ୨ଦିନିଆ ଅଷ୍ଟଦଶ ଓଡ଼ିଶୀ ସଙ୍ଗୀତ ଓ ଲଘୁ ସଙ୍ଗୀତ ସମାରୋହ ମଙ୍ଗଳବାର ଉଦଯାପିତ ହୋଇଯାଇଛି। ଜୟଦେବ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ୧୫ରୁ ଊର୍ଦ୍ଧ୍ୱ ବିଶିଷ୍ଟ କଣ୍ଠଶିଳ୍ପୀ ଯୋଗଦେଇ ଦର୍ଶକଙ୍କୁ ଝୁମାଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅନୁଷ୍ଠାନର ସମ୍ପାଦିକା ହରପ୍ରିୟା ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଆଚାର୍ଯ୍ୟ, ଓଡ଼ିଶା କୋଲ୍ ଆଣ୍ଡ ପାୱାର୍ ଲିମିଟେଡ୍ର ନିର୍ଦ୍ଦେଶକ ସାରିପୁତ ମିଶ୍ର, ଅନୁଷ୍ଠାନର ସଭାପତି ପ୍ରଫେସର ରାମହରି ଦାସ ଓ ଉପଦେଷ୍ଟା ବିଜୟ କୁମାର ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଅଭିଭାଷଣ ରଖିଥିଲେ। ଡ଼. ଶ୍ରୀ ନିବାସ ଘଟୁଆରୀ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ। ସୌରଭ ନାୟକ, ଶୈଳଭାମା ମହାପାତ୍ର, ଜୟଶ୍ରୀ ଧଳ, ଶ୍ରୀଚରଣ ମହାପାତ୍ର, ବାଳକୃଷ୍ଣ ଜେନା, ବୈଷ୍ଣବୀ ଘୋଷ, ବିଷ୍ଣୁ ମୋହନ କବି, ରୂପକ କୁମାର ପରିଡ଼ାଙ୍କ ସମେତ ଆହୁରି ଅନେକ କଣ୍ଠଶିଳ୍ପୀ ଯୋଗ ଦେଇ ଲଘୁ ସଙ୍ଗୀତ ଗାନ କରିଥିଲେ।

# ବେଆଇନ ଗୋରୁ ଗାଡ଼ିକୁ ଅଟକାଇଲେ ଲୋକେ

ବାରଙ୍ଗ,୭।୨(ଡି.ଏନ୍.ଏ.)

ଗୋଡ଼ିସାହି ନିକଟସ୍ଥ ପୁରୀ ମୁଖ୍ୟକେନାଲ ବ୍ରିଜ ପାଖରେ ମଙ୍ଗଳବାର ବଡ଼ିଭୋର ସମୟରେ ଗୋଟିଏ ବେଆଇନ ଗୋରୁଗାଡ଼ିକୁ ଅଟକାଇ ସ୍ଥାନୀୟ ଲୋକେ ପୋଲିସ ଜିମା ଦେଇଛନ୍ତି। ସକାଳ ୬ଟା ସମୟରେ ଓଡି ୦୫ ଏଡବ୍ଲ୍ୟୁ ୦୭୯୦ ଗାଡ଼ିଟି ଦ୍ରୁତ ଗତିରେ ଆସୁଥିବାବେଳେ ପୁରୀ ମୁଖ୍ୟ କେନାଲ ବ୍ରିଜ ପାଖରେ ଗାଡ଼ି ଅଟକିଥିଲା। ଗାଡ଼ିରେ ଥିବା ଚାଳକ ଓ ଅନ୍ୟ ୨ ସହଯୋଗୀଙ୍କ ଗତିବଧି ଦେଖି ସ୍ଥାନୀୟ ଲୋକଙ୍କ ସନ୍ଦେହ ହୋଇଥିଲା। ଗାଡ଼ି ପାଖକୁ ଯାଇ ଦେଖିବାରୁ ଟାଟାଏସି ଗାଡ଼ି ଭିତରେ ୩ଟି ଷଣ୍ଢ ଓ ୩ଟି ଗାଈ ବାଛୁରୀ ଥିବା ଦେଖିବାକୁ ପାଇଥିଲେ। ସ୍ଥାନୀୟ ଲୋକେ ଚାଳକ ଓ ଅନ୍ୟ ସହଯୋଗୀଙ୍କୁ ପଚାରିବାରୁ, ୩ ଜଣ ଦୌଡ଼ିବାକୁ ଚେଷ୍ଟା କରୁଥିବାବେଳେ ସ୍ଥାନୀୟ ଲୋକେ କାବୁ କରି ନିକଟସ୍ଥ ଗୋଡ଼ିସାହି ଫାଣ୍ଡିକୁ ହସ୍ତାନ୍ତର କରିଥିଲେ। ଏହି ଗୋରୁ ସବୁ ବାଙ୍କୀ ଅଞ୍ଚଳକୁ ଚୋରାଚାଲାଣ ପାଇଁ ଆସିଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି।

# ବସ୍ ମାଲିକ, ହେଲ୍‌ପର ଗିରଫ: ଜଣେ ଫେରାର

ଭୁବନେଶ୍ୱର, ୭।୨(ବ୍ୟୁରୋ):

**ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ବୋମା ମାଡ଼ ଘଟଣା**

ବରମୁଣ୍ଡା ବସ୍‌ଷ୍ଟାଣ୍ଡ ପରିସରରେ ଥିବା ଏକ ହୋଟେଲରେ ରବିବାର ବିଳମ୍ବିତ ରାତିରେ ହୋଇଥିବା ବୋମା ମାଡ଼ ଘଟଣାରେ ଭରତପୁର ଥାନା ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏଥିରେ ସଂପୃକ୍ତ ବସ୍ ମାଲିକ ଓ ହେଲପରଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଦ୍ୱୟ ହେଲେ ବସ୍ ମାଲିକ ବସନ୍ତ କୁମାର ଡାକୁଆ ଓ ହେଲପର ରାମଚନ୍ଦ୍ର ବରାଳ। ତେବେ ଘଟଣାରେ ଅନ୍ୟ ଜଣେ ଅଭିଯୁକ୍ତ ଏବେ ବି ଫେରାର ଥିବା ଜଣାପଡିଛି। ଅଭିଯୁକ୍ତଦ୍ୱୟଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବ ।

ସୂଚନାନୁଯାୟୀ, ଅଭିଯୁକ୍ତଦ୍ୱୟ ବସ୍‌ଷ୍ଟାଣ୍ଡରେ ଥିବା ଜୟ ଜଗନ୍ନାଥ ନାମକ ଏକ ହୋଟେଲକୁ ଦୋକାନ ବନ୍ଦ ସମୟରେ ଖାଇବାକୁ ଆସିଥିଲେ। ଖାଇବା ସମୟରେ ମାଛମୁଣ୍ଡକୁ ନେଇ ହୋଟେଲ କର୍ମଚାରୀଙ୍କ ସହ ଅଭିଯୁକ୍ତ ଦ୍ୱୟ ବଚସା କରିବା ସହ ଟଙ୍କା ଦେବାକୁ ମନା କରିଥିଲେ। ଏଥିସହ ଜୀବନରୁ ମାରିଦେବାକୁ ଧମକ ଦେଇ ଘଟଣାସ୍ଥଳରୁ ପଳାଇଥିଲେ। କିନ୍ତୁ ପରେ ରାତି ୧୨ଟା ୩୦ରେ ୨ଟି ବୋମା ଉକ୍ତ ହୋଟେଲକୁ ଫିଙ୍ଗିଥିଲେ। ଫଳରେ ହୋଟେଲ ମାଲିକଙ୍କ ସମେତ ୩ଜଣ ଆହତ ହୋଇଥିଲେ। ଏନେଇ ହୋଟେଲ ମାଲିକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସିସିଟିଭି ଫୁଟେଜରୁ ଚିହ୍ନଟ କରି ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିଲା।

# ସରକାରୀ ଜମିରୁ ବିଲ୍ଡିଂ ଉଚ୍ଛେଦ


ନୂଆସାହିରେ ଥିବା ବେଆଇନ କୋଠାକୁ ଜେସିବି ଦ୍ୱାରା ଭଙ୍ଗାଯାଉଛି।

ଭୁବନେଶ୍ୱର, ୭।୨ (ବ୍ୟୁରୋ)

ଭୁବନେଶ୍ୱରର ବହୁ ସରକାରୀ ଜମିରେ ବର୍ଷ ବର୍ଷ ଧରି ବେଆଇନ୍ କୋଠା ନିର୍ମାଣ କରି ଲୋକମାନେ ଦଖଲରେ ରଖିଛନ୍ତି। ସରକାରୀ ଜମି ଦଖଲରେ ରହିଥିବାବେଳେ ବେଆଇନ ନିର୍ମାଣ କରାଯାଉଛି। ଏହାକୁ ଜବରଦଖଲମୁକ୍ତ କରିବା ପାଇଁ ବିଡିଏ ପକ୍ଷରୁ ଜୋର୍‌ଦାର ଅଭିଯାନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ନୟାପଲ୍ଲୀ ମୌଜା ଅନ୍ତର୍ଗତ ଜିଏ ପ୍ଲଟ ନମ୍ବର ୧୧୯୫(ପିଟି)ରେ ବେଆଇନ୍ ନିର୍ମାଣ ହୋଇଥିବା କୋଠାକୁ ଭଙ୍ଗାଯାଇଛି। ଏକ ମହଲା ବିଶିଷ୍ଟ କୋଠା ୧୦୦ ଡିସିମିଲ ପରିମିତ ଜମି ଉପରେ ଦୋକାନ ଘର ସମେତ ବଡ଼ କୋଠା ନିର୍ମାଣ ହୋଇଥିଲା। ଏଥିରେ ୨ଟି ଆଜବେଷ୍ଟସ ନିର୍ମିତ ଦୋକାନ ଘର ଓ ଗୋଟିଏ ଲୁହା ଗେଟ ଭଙ୍ଗାଯାଇଛି। ତେବେ ସମୟ ଅଭାବରୁ ଉଚ୍ଛେଦ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରିନଥିଲା। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଏକ ପ୍ଲାଟୁନ ପୋଲିସ ଫୋର୍ସ ଓ ଗୋଟିଏ ସେକ୍ସନ ମହିଳା ପୋଲିସ ମୁତୟନ କରାଯାଇଥିଲା। ଉଚ୍ଛେଦ ବେଳେ ବିଡିଏ ଏନଫୋର୍ସମେଣ୍ଟ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, ଜିଏ ସହକାରୀ ନିର୍ଦ୍ଦେଶକ ଅମୀୟ କୁମାର ଦାସ ଓ ଜୋନ୍ ଏସିପି ସଞ୍ଜୀବ କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ପସରା ମେଲାଇଛନ୍ତି ୧୯୦ କାରିଗର

ଭୁବନେଶ୍ୱର,୭।୨(ବ୍ୟୁରୋ)

**ତୋଷାଳି ମେଳା**

ଜନତା ମଇଦାନରେ ଚାଲିଥିବା ସପ୍ତଦଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା ସପ୍ତମ ଦିନରେ ମଧ ରାଜଧାନୀବାସୀଙ୍କ ଯଥେଷ୍ଟ ଭିଡ଼ ଦେଖିବାକୁ ମିଳିଛି। କିଣାବିକା ସହ ମେଳା ବୁଲି ସହରବାସୀ ସମୟ ବିତାଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଅନ୍ୟାନ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ମନ୍ତ୍ରୀ ରୀତା ସାହୁ ଓ ସମବାୟ ବିଭାଗର ପ୍ରମୁଖ ଶାସନ ସଚିବ ଡ. ସଞ୍ଜୀବ କୁମାର ଚଢ଼ା ତୋଷାଳୀ ମେଳା ବୁଲି ଦେଖିଥିଲେ । ସେହିପରି ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର କମିଶନର ତଥା ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଶୁଭା ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ମାନସୀ ପାଣିଗ୍ରାହୀ, ଅଭିଜିତ ଦାସ, ପଙ୍କଜ ଜାଲ, ସୁସ୍ମିତା ଦାସ ଏବଂ ସର୍ବେଶ୍ୱର ବଇଠା ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କ ଭରପୂର ମନୋରଞ୍ଜନ କରାଇଥିଲେ। ହସ୍ତଶିଳ୍ପ ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର ଏବଂ ସେରିଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ସରୋଜ କୁମାର ପଟେଲ୍ ଉପସ୍ଥିତ ରହି ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ଚଳିତ ବର୍ଷ ଏହି ମେଳା ପରିସରରେ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରାୟ ୧୯୦ରୁ ଊର୍ଦ୍ଧ୍ୱ ହସ୍ତତନ୍ତ ଓ ବୟନ କାରିଗର ଅଂଶ ଗ୍ରହଣ କରିଛନ୍ତି। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୧୪୫ଜଣ ବୁଣାକାର ପଶାପାଲି, ସୋନପୁରୀ, ସମ୍ବଲପୁରୀ, ବୋମକେଇ, ହବସପୁରୀ, କୋଟପାଡ଼, ବରହମ୍ପୁରୀ ପାଟ ଯୋଡ଼, ସୂତାବସ୍ତ୍ର, ଲୁଙ୍ଗି, ଗାମୁଛା, ଗୀତଗୋବିନ୍ଦ ପାଟବସ୍ତ୍ର, ଡଙ୍ଗରିଆ ଶାଢ଼ି, ଖଣ୍ଡୁଆ, ସିମିନୋଇ ପାଟ, ଟସର ବସ୍ତ୍ର ଇତ୍ୟାଦି ପ୍ରଦର୍ଶନ ଓ ବିକ୍ରି କରୁଛନ୍ତି । ସେହିପରି ଦେଶର ପ୍ରାୟ ୨୦ଟି ରାଜ୍ୟରୁ ରାଜ୍ୟରୁ ୫୫ଜଣ କାରିଗର ସେମାନଙ୍କ ହସ୍ତତନ୍ତ ଓ ବୟନ ଯଥା ସିଲ୍‌କ ବସ୍ତ୍ର, ଚନ୍ଦେରି, ଚିକନକାରି, ଏମ୍ବ୍ରୋଡେରି, ଉଲେନ ବସ୍ତ୍ର, ଚଦର, ୱାଲ ହ୍ୟାଙ୍ଗିଙ୍ଗ ଆଦି ପ୍ରଦର୍ଶନ ଓ ବିକ୍ରୟ କରୁଛନ୍ତି।

# ଠକେଇ ଅଭିଯୋଗ, ଅର୍ଥ ଲଗାଣକାରୀ ସଂସ୍ଥାରେ ଉତ୍ତେଜନା

କଟକ ଅଫିସ,୭।୨:

କଟକ ମହାନଦୀ ବିହାରସ୍ଥିତ ଏକ ଅର୍ଥଲଗାଣକାରୀ ସଂସ୍ଥାରେ ଠକେଇ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ତେବେ କୌଣସି କାରଣକୁ ନେଇ ମଙ୍ଗଳବାର ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉକ୍ତ ଅର୍ଥଲଗାଣକାରୀ ସଂସ୍ଥାରେ ଟଙ୍କା ଜମା କରିଥିବା କେତେଜଣ ଜମାକାରୀ ପାଟିତୁଣ୍ଡ କରିଥିଲେ। ଖବରପାଇ ଚାଉଳିଆଗଞ୍ଜ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ତେବେ ଏ ନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

# ଜ୍ଞାନପ୍ରଭା ମିଶନ ପ୍ରତିଷ୍ଠା ଦିବସରେ ଯୋଗଦେବେ ରାଷ୍ଟ୍ରପତି



ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ସଦାନନ୍ଦ ଗିରି ଏବଂ ଅନ୍ୟମାନେ।

ଭୁବନେଶ୍ୱର, ୭।୨ (ବ୍ୟୁରୋ): ଜ୍ଞାନପ୍ରଭା ମିଶନର ପ୍ରତିଷ୍ଠା ଦିବସ ସମାରୋହ ଆସନ୍ତା ୧୦ ତାରିଖରେ ଉତ୍କଳ ମଣ୍ଡପଠାରେ ଅନୁଷ୍ଠିତ ହେବ। ସମାରୋହରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ମଙ୍ଗଳବାର ମିଶନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସ୍ୱାମୀ ସଦାନନ୍ଦ ଗିରି ଏବଂ ସ୍ୱାମୀ ସମର୍ପଣାନନ୍ଦ ଗିରି ସୂଚନା ଦେଇଛନ୍ତି। ସମାରୋହରେ ଜ୍ଞାନପ୍ରଭା ମିଶନର ପ୍ରତିଷ୍ଠାତା ପରମହଂସ ପ୍ରଜ୍ଞାନାନନ୍ଦ ଆଶୀର୍ବଚନ ପ୍ରଦାନ କରିବେ। ସମ୍ମାନିତ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ ଏବଂ ମିଶନର ସଭାପତି ଜ୍ୟୋତିର୍ମୟୀ ମିଶ୍ର ଯୋଗଦେବେ ବୋଲି ସୂଚନା ଦିଆଯାଇଛି।

# ଅନ୍‌ଲାଇନ୍ ଠକେଇରୁ ସୁରକ୍ଷା ଦେବ 'ପ୍ରୋଜେକ୍ଟ ସୁରକ୍ଷିତ'

ଭୁବନେଶ୍ୱର, ୭।୨(ବ୍ୟୁରୋ)

**୫୦ ହଜାର ବୟସ୍କଙ୍କୁ ତାଲିମ ଦେବ 'ହେଲ୍ପଏଜ୍ ଇଣ୍ଡିଆ'**

ବରିଷ୍ଠ ନାଗରିକଙ୍କୁ ଡିଜିଟାଲ ଭାବେ ସୁରକ୍ଷିତ କରିବା ଉଦ୍ଦେଶ୍ୟରେ Google.org ସହାୟତାରେ ହେଲ୍ପ ଏଜ୍ ଇଣ୍ଡିଆ ଏହାର ଦେଶବ୍ୟାପୀ କାର୍ଯ୍ୟକ୍ରମ 'ପ୍ରୋଜେକ୍ଟ ସୁରକ୍ଷିତ' ଆରମ୍ଭ କରିଛି। ଏହା ଅନ୍ତର୍ଗତ ୫୦ହଜାର ବୟସ୍କଙ୍କୁ ତାଲିମ ପ୍ରଦାନ କରାଯିବ। ଏହାଦ୍ୱାରା ସେମାନେ ଅନଲାଇନ୍ ଠକେଇରୁ ନିଜକୁ ରକ୍ଷା କରିପାରିବେ। ମଙ୍ଗଳବାର 'ସୁରକ୍ଷିତ ଇଣ୍ଟରନେଟ୍ ଦିବସ' ପାଳନ କରି ହେଲ୍ପଏଜ୍ ଇଣ୍ଡିଆ ୧୬ଟି ରାଜ୍ୟରେ ଡିଜିଟାଲ ସୁରକ୍ଷା କର୍ମଶାଳା ଆରମ୍ଭ କରିଛି। ଏଥିରେ ଏକସଙ୍ଗରେ ୧୦ରୁ ଅଧିକ ବରିଷ୍ଠ ନାଗରିକଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏହି କ୍ରମରେ ନୟାପଲ୍ଲୀ ବ୍ରିଟ୍ କଲୋନୀରେ ଅନୁଷ୍ଠାନର ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଉକ୍ତ କଲୋନୀରେ ବାସ କରୁଥିବା ୩୦ରୁ ଅଧିକ ବରିଷ୍ଠ ନାଗରିକ ଯୋଗଦେଇ ଡିଜିଟାଲ ନିରାପତ୍ତା ଉପରେ ତାଲିମ ନେଇଥିଲେ। ସେମାନଙ୍କୁ ସୁରକ୍ଷିତ ଭାବେ ଇଣ୍ଟରନେଟ୍ ବ୍ୟବହାର କରିବା ଏବଂ ଅନଲାଇନ୍ ଡିଜିଟାଲ ସୁବିଧାର ଲାଭ ପାଇବା ପାଇଁ ତାଲିମ ଦିଆଯାଇଥିଲା। କର୍ମଶାଳାରେ ୭ଟି ମଡ୍ୟୁଲକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହା ଅନ୍ତର୍ଗତ ବିଭିନ୍ନ ଅନ୍‌ଲାଇନ୍ ସୁରକ୍ଷା ବିଷୟ ଯଥା ଏକ ଦୃଢ଼ ପାସ୍‌ୱାର୍ଡ ସୃଷ୍ଟି କରିବା, ଅନଲାଇନ୍ ବ୍ୟାଙ୍କିଙ୍ଗ୍ ସମୟରେ ସୁରକ୍ଷିତ ରହିବା, ଅନଲାଇନରେ ସୁରକ୍ଷିତ ଭାବେ ୟୁଟିଲିଟି ବିଲ୍ ପୈଠ କରିବା, ଡିଭାଇସ୍‌କୁ ସୁରକ୍ଷିତ ରଖିବା, ଅନଲାଇନ୍ ସ୍କାମ୍ ଚିହ୍ନଟ କରିବା, ହ୍ୱାଟ୍ସଆପ୍‌ରେ ସୁରକ୍ଷିତ ରହିବା ଏବଂ ସୁରକ୍ଷିତ ଭାବେ ଏକ କ୍ୟାବ୍ ବୁକିଂ କରିବା ଆଦି ବିଷୟରେ ମାର୍ଗଦର୍ଶନ କରାଯାଇଛି। ଏନେଇ ଅନୁଷ୍ଠାନର ରାଜ୍ୟ ଶାଖା ମୁଖ୍ୟ ଭାରତୀ ଚକ୍ର କହିଛନ୍ତି, 'ପ୍ରୋଜେକ୍ଟ ସୁରକ୍ଷିତ' ଜରିଆରେ ହେଲ୍ପଏଜ୍ ଇଣ୍ଡିଆ ବୟସ୍କଙ୍କ ପାଇଁ ଏକ ସୁରକ୍ଷିତ ବାତାବରଣ ସୃଷ୍ଟି କରିବାକୁ ଚେଷ୍ଟା କରୁଛି। ଏଥିସହ ଡିଜିଟାଲ ବିଭାଜନକୁ ଦୂର କରିବାକୁ ଆଶା ରଖିଛି। ସେହିପରି Google.orgର ଆଡଭୋକେସି ଏବଂ ଏସିଆ ପ୍ୟାସିଫିକ ମୁଖ୍ୟ ଆନି ଲେୱିନ କହିଛନ୍ତି, ବରିଷ୍ଠ ନାଗରିକଙ୍କ ପାଇଁ ସାମାଜିକ ଅଂଶଗ୍ରହଣ ଏବଂ ଅନ୍ତର୍ଭୁକ୍ତୀକରଣ ବୃଦ୍ଧି କରିବା, ଅନଲାଇନରେ ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧିକରିବା ପାଇଁଡିଜିଟାଲ ସୁରକ୍ଷା କର୍ମଶାଳା ଏହି ପ୍ରୋଜେକ୍ଟର ପ୍ରଥମ ପଦକ୍ଷେପ। କାର୍ଯ୍ୟକ୍ରମକୁ ହେଲ୍ପଏଜ ଇଣ୍ଡିଆର ଦେବଶ୍ରୀ ବ୍ରହ୍ମା ପରିଚାଳନା କରିଥିଲେ। ନୟାପଲ୍ଲୀ ବ୍ରିଟ କଲୋନୀର ସଭାପତି ଇଂ. ଅନାଦି ସାହୁ ଓ ସାଧାରଣ ସମ୍ପାଦକ ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ଠକେଇ ଅଭିଯୋଗ, ଅର୍ଥ ଲଗାଣକାରୀ ସଂସ୍ଥାରେ ଉତ୍ତେଜନା

କଟକ ଅଫିସ,୭।୨: ମହାନଦୀ ବିହାରସ୍ଥିତ ଏକ ଅର୍ଥଲଗାଣକାରୀ ସଂସ୍ଥାରେ ଠକେଇ କରାଯାଇଥିବା ଅଭିଯୋଗରେ ମଙ୍ଗଳବାର ଉତ୍ତେଜନା ପ୍ରକାଶ ପାଇଥିଲା। କେତେଜଣ ଅର୍ଥ ଜମାକାରୀ ପାଟିତୁଣ୍ଡ କରିଥିଲେ। ଖବରପାଇ ଚାଉଳିଆଗଞ୍ଜ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ତେବେ ଏ ନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

### ହାଇସ୍କୁଲର ରୂପାନ୍ତରଣ କାର୍ଯ୍ୟ ତଦାରଖ କଲେ କମିଶନର

କଟକ ଅଫିସ, ୭।୨- ସହରରେ ହାଇସ୍କୁଲ ରୂପାନ୍ତରଣ ଯୋଜନାରେ ତୃତୀୟ ପର୍ଯ୍ୟାୟରେ ଚାଲିଥିବା ଉନ୍ନତୀକରଣ କାର୍ଯ୍ୟକୁ ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ ମଙ୍ଗଳବାର ତଦାରଖ କରିଥିଲେ। ୪୨ ନଂ. ୱାର୍ଡର ଚାଉଳିଆଗଞ୍ଜସ୍ଥିତ କୁଞ୍ଜବିହାରୀ ହାଇସ୍କୁଲ ଓ ୫୩ ନଂ. ୱାର୍ଡର ଦରଖାପାଟଣାସ୍ଥିତ ସତ୍‌ସଙ୍ଗ ହାଇସ୍କୁଲରେ କମିଶନର ପହଞ୍ଚି ପ୍ରଧାନ ଶିକ୍ଷୟିତ୍ରୀଙ୍କଠାରୁ ଉନ୍ନତୀକରଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ଦେଖାଦେଉଥିବା ସମସ୍ୟାର ତୁରନ୍ତ ସମାଧାନ କରି ଧାର୍ଯ୍ୟ ସମୟରେ ବିଜ୍ଞାନଗାର, ଇ-ପାଠାଗାର ଓ ସ୍ମାର୍ଟ କ୍ଲାସ୍‌ରୁମ୍ କାର୍ଯ୍ୟ ଶେଷ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ପରିଦର୍ଶନବେଳେ କର୍ପୋରେଟର ମିନତି ସାହୁ, ଅରବିନ୍ଦ ଜେନାଙ୍କ ସମେତ ସିଏମ୍‌ସି ଅଧିକାରୀ, ଯନ୍ତ୍ରୀ ଓ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

### କେନାଲରୁ ମହିଳାଙ୍କ ମୃତଦେହ ଜବତ

ଫୁଲନଖରା,୭।୨(ଡି.ଏନ୍.ଏ.)- କଟକ ସଦର ଥାନା ଅନ୍ତର୍ଗତ ରହୁରା ଗ୍ରାମର ଏକ ଶୁଖିଲା କେନାଲ ଭିତରୁ ମଙ୍ଗଳବାର ଜଣେ ମହିଳାଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଭାଣପୁର ଅଞ୍ଚଳର କାଞ୍ଚନ ଦେଇ। ପୋଲିସ ସୂତ୍ରରୁ ପ୍ରକାଶ, କାଞ୍ଚନ ଜରି ଗୋଟାଇ ତାହାକୁ ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିଲେ। କିଛିଦିନ ହେବ ସେ ଭାଣପୁର ଛାଡି ଏହି ଥାନା ଅନ୍ତର୍ଗତ ରହୁରା ଗ୍ରାମର ସ୍କୁଲ ପାଚେରି ନିକଟରେ ଜରିପାଲ ଟାଣି ରହୁଥିଲେ। ଇତିମଧ୍ୟରେ ତାଙ୍କ ଦେହ ଅସୁସ୍ଥ ହେବାରୁ ମୃତ୍ୟୁ ଘଟିଥିଲା। ପରେ ତାଙ୍କ ପରିବାର ଲୋକେ କାହାକୁ ନ ଜଣାଇ କିଛିଦିନ ତଳେ ମୃତଦେହକୁ କେନାଲ ଭିତରେ ପୋତି ଦେଇଥିଲେ। ହେଲେ କାଞ୍ଚନଙ୍କ ଗୋଡ଼ ଉପରକୁ ଦେଖାଯାଉଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଛି। ଏଥିସହ ଏକ ଅପମୃତ୍ୟୁ ମାମଲା (ନଂ.୨/୨୩)ରୁଜୁ କରି ତଦନ୍ତ ଚଳାଇଛି।

### କୁକୁର କାମୁଡ଼ାରେ ହରିଣ ଆହତ

ଖୁଣ୍ଟୁଣୀ,୭।୨(ଡି.ଏନ.ଏ.)- ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ପ୍ରସନ୍ନାପୁର ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ କୁକୁର କାମୁଡ଼ାରେ ଏକ ହରିଣ ଆହତ ହୋଇଛି। ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ ବନରକ୍ଷୀ ବିଜୟ କେତନ ମଙ୍ଗରାଜ ଓ ବିଭାଗୀୟ କର୍ମଚାରୀଙ୍କ ସହ ଉକ୍ତ ଗ୍ରାମରେ ପହଞ୍ଚି ହରିଣକୁ ଉଦ୍ଧାର କରି ଚିକିତ୍ସା କରିଛନ୍ତି। ସୁନିଆମୁହଁ ସଂରକ୍ଷିତ ଜଙ୍ଗଲରୁ ହରିଣଟି ଗ୍ରାମକୁ ପଶି ଆସିଥିବାବେଳେ କୁକୁରମାନେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ କୁକୁର କବଳରୁ ହରିଣକୁ ଉଦ୍ଧାର କରି ବନ ବିଭାଗକୁ ଖବର ଦେଇଥିଲେ। ହରିଣ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ଜଙ୍ଗଲରେ ଛଡ଼ାଯିବ ବୋଲି ବନାଞ୍ଚଳ ଅଧିକାରୀ ସାହୁ କହିଛନ୍ତି।

### ଧର୍ମପରାୟଣା ମହିଳାଙ୍କ ପରଲୋକ

କଟକ ଅଫିସ, ୭।୨: କଟକ ଜିଲା ଟାଙ୍ଗୀ ଅଞ୍ଚଳର ଧର୍ମପରାୟଣା ମହିଳା ବାସନ୍ତୀଲତା



ଷଡଙ୍ଗୀ(୮୨)ଙ୍କର ମଙ୍ଗଳବାର ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟଜନିତ କାରଣରୁ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ସେ ସ୍ୱର୍ଗତ ଧୀରେନ୍ଦ୍ର ନାଥ ଷଡଙ୍ଗୀଙ୍କ ସ୍ତ୍ରୀ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ଅଶୋକ, ଅଜୟ, ଅକ୍ଷୟ, ଅମୀୟ, ଆଦିତ୍ୟ, ପୁତ୍ରବଧୂ ବିଜୟଲକ୍ଷ୍ମୀ, ରାନୁ, ମୁନୁ, ରୀନା, ବବିଙ୍କ ସମେତ ନାତୁଣୀନାତି ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ଆଦିତ୍ୟ ମୁଖାଗ୍ନି ଦେଇଥିଲେ।

# ଧାର୍ଯ୍ୟ ସମୟରେ ନିର୍ମାଣ କାର୍ଯ୍ୟ ଶେଷକର

**କଟକ ଚଣ୍ଡୀମନ୍ଦିର ରୂପାନ୍ତରଣ ପ୍ରକଳ୍ପ**

- ଭଙ୍ଗାଗଲା ପୁରୁଣା ବିଲ୍ଡିଂ
- ନିର୍ମାଣ ହେବ କମର୍ସିଆଲ କମ୍ପ୍ଲେକ୍ସ

କଟକ ଅଫିସ,୭।୨

କଟକ ଚଣ୍ଡୀମନ୍ଦିରର ବିକାଶ ତଥା ରୂପାନ୍ତରଣ ପ୍ରକଳ୍ପରେ ଖୁବ୍‌ଶୀଘ୍ର ଏକ କମର୍ସିଆଲ କମ୍ପ୍ଲେକ୍ସ ନିର୍ମାଣ ହେବ। ଏଥିପାଇଁ ମନ୍ଦିର ପରିସରରେ ଥିବା ପୁରୁଣା ବିଲ୍ଡିଂକୁ ଭାଙ୍ଗି ଦିଆଯାଇଛି। କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡ଼ିଏ) ଅଧ୍ୟକ୍ଷ ଅନିଲ ସାମଲ, ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ ମଙ୍ଗଳବାର ନିର୍ମାଣ କାର୍ଯ୍ୟ ତଦାରଖ ସମୟରେ ଉପରୋକ୍ତ ବିଷୟ କହିଥିଲେ। ଇତିମଧ୍ୟରେ ପୁରୁଣା ଢାଞ୍ଚାର ଭଙ୍ଗା କାର୍ଯ୍ୟ ଶେଷ କରାଯାଇ ସେଠାରେ ଥିବା ସାମଗ୍ରୀ ସ୍ଥାନାନ୍ତର କରାଯାଇଛି। ମନ୍ଦିର ଷ୍ଟ୍ରଙ୍ଗ୍ ରୁମ୍ ସ୍ଥାନାନ୍ତର କାର୍ଯ୍ୟ ଶେଷ ହୋଇଥିଲାବେଳେ ସେବାୟତ ଓ ପୂଜକଙ୍କୁ ସ୍ଥାନାନ୍ତର କରାଯାଇଛି। ଅଧିକାରୀମାନେ ଚଣ୍ଡୀମନ୍ଦିରରେ କାର୍ଯ୍ୟ ତଦାରଖ କରିବା ସହ ଓବିସିସି ଓ ଆର୍‌ଏଣ୍ଡବିର ଯନ୍ତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ। ରୂପାନ୍ତରଣ କାର୍ଯ୍ୟ ଧାର୍ଯ୍ୟ ସମୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶୈଳବାଳା ମହିଳା କଲେଜ ଭିତର ଦେଇ ରାସ୍ତା ଡାଇଭର୍ସନ୍ କାମ ଆରମ୍ଭ ହୋଇଥିବାରୁ ସେମାନେ ସନ୍ତୁଷ୍ଟି ପ୍ରକାଶ କରିଥିଲେ। ପୂର୍ବରୁ ପାଇପ୍ ଲାଇନ୍ ସ୍ଥାନାନ୍ତର, ବିଦ୍ୟୁତ୍ ଲାଇନ ଟାଣିବା କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଥିବାବେଳେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କିଭଳି ସୁଚାରୁରୂପେ ସରିବ ସେନେଇ ପ୍ରଶାସନ ଯଥେଷ୍ଟ ଯତ୍ନବାନ ହେବ ବୋଲି ଜିଲାପାଳ ଚୟନୀ କହିଛନ୍ତି। ଗତବର୍ଷ ଅକ୍ଟୋବର ୧୪ରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ କଟକ ଚଣ୍ଡୀମନ୍ଦିର ରୂପାନ୍ତରଣ ଓ ବିକାଶ ପ୍ରକଳ୍ପ କାର୍ଯ୍ୟକୁ ୧ ସପ୍ତାହ ମଧ୍ୟରେ ଆରମ୍ଭ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ୭୦ କୋଟି ଟଙ୍କା ବ୍ୟୟରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ କାର୍ଯ୍ୟ ଆସନ୍ତା ନଭେମ୍ବର ସୁଦ୍ଧା ଶେଷ ହେବ ବୋଲି ସମୟ ଧାର୍ଯ୍ୟ କରାଯାଇଛି।



ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଡ଼ିଏ ଅଧ୍ୟକ୍ଷ ଅନିଲ ସାମଲ ଓ ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ କଟକ ଚଣ୍ଡୀମନ୍ଦିର ରୂପାନ୍ତରଣ ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

# ଜବରଦଖଲ ମୁକ୍ତ ପାଇଁ ୭ ଟିମ୍

କଟକ ଅଫିସ,୭।୨

ସହରରେ ବେଆଇନ ନିର୍ମାଣ ଓ ଜବର ଦଖଲ ମୁକ୍ତ ପାଇଁ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଗଠନ କରାଯାଇଛି । କଟକ ମହାନଗର ନିଗମ(ସିଏମ୍‌ସି) ଓ କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡ଼ିଏ)ର ମିଳିତ ଉଦ୍ୟମରେ ଏହି ଅଭିଯାନ ଆରମ୍ଭ ହେବାକୁ ଯାଉଛି। ଏନେଇ ଚୌଧୁରୀବଜାରସ୍ଥିତ ବିଜୁ ଭବନରେ ପରିସରେ ମଙ୍ଗଳବାର ସିଏମ୍‌ସି ଓ ସିଡିଏ ଅଧିକାରୀମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟ ପାଇଁ ୭ଟି ଟିମ୍ ଗଠନ କରାଯାଇଛି। ଏହି ଟିମ୍ ସପ୍ତାହ ଯାକ ଉଚ୍ଛେଦ ଓ ବେଆଇନ ନିର୍ମାଣ ଭଙ୍ଗା କାର୍ଯ୍ୟ କରିବ ତା' ନୁହେଁ ମୋଟ ୨୨ଟି ବିଷୟ ତଦାରଖ କରିବ। ସେଥିମଧ୍ୟରେ ଅପମିଶ୍ରିତ ଖାଦ୍ୟ ବିକ୍ରି ହେଉଥିବା ହୋଟେଲ, ଦୋକାନରେ ଯାଞ୍ଚ ଆଦି ପ୍ରସଙ୍ଗ ରହିବ ବୋଲି ଡେପୁଟି କମିଶନର ଅଜୟ କୁମାର ମହାନ୍ତି ସୂଚନା ଦେଇଛନ୍ତି । ଅପରପକ୍ଷେ ପୂର୍ବ ଯୋଜନା ମୁତାବକ ସହରରେ ଜବର ଦଖଲ ଉଚ୍ଛେଦ ଜାରି ରହିଛି । ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ରାଜାବଗିଚା, ଝାଞ୍ଜିରୀମଙ୍ଗଳା ଅଞ୍ଚଳରେ ୫ଟି ବେଆଇନ ଦୋକାନ ଓ ଡ୍ରେନ ଉପରେ ଥିବା ୭ଟି ଅସ୍ଥାୟୀ ନିର୍ମାଣକୁ ଭାଙ୍ଗି ଦେଇଛି। ରାସ୍ତା ଅବରୋଧ କରି ବାଲି, ଗୋଡି ବିକୁଥିବା ରାଜାବଗିଚା ଅଞ୍ଚଳର ୨ ଜଣଙ୍କଠାରୁ ୫୦୦ ଟଙ୍କା ଲେଖାଏ ଜରିମାନା ଆଦାୟ କରାଯାଇଛି। ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ମୁଖ୍ୟ ଅଜୟ ମହାନ୍ତିଙ୍କ ନେତୃତ୍ୱରେ ଜବର ଦଖଲ ଉଚ୍ଛେଦ କାର୍ଯ୍ୟରେ ପଞ୍ଚାନନ ପାଲ, ସିଡିଏ ସହକାରୀ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ରଞ୍ଜିତ କୁମାର ସ୍ୱାଇଁ, କଟକ ଜିଲା ଏନ୍‌ଫୋର୍ସମେଣ୍ଟ ଫୋର୍ସର ଦୁଇଟି ଟିମ୍ ସହିତ ବାଦାମବାଡି ପୋଲିସ ସାମିଲ ହୋଇଥିଲା।

# ଦାବି ପୂରଣ ନ ହେଲେ ଧାରଣା





ଓଡ଼ିଶା ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ଓ ଇଞ୍ଜିନିୟର ଏକତା ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

ଚୌଦ୍ୱାର,୭।୨(ଡି.ଏନ୍.ଏ.)

ଚୌଦ୍ୱାର ସହର ଓ ଆଖପାଖ ଗ୍ରାମାଞ୍ଚଳରେ ବିଦ୍ୟୁତ୍ ଯୋଗାଣକାରୀ ସଂସ୍ଥା ଟାଟା ପାୱାରର କର୍ମଚାରୀ ମାରଣ ନୀତି ବିରୋଧରେ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ଓ ଇଞ୍ଜିନିୟର ଏକତା ମଞ୍ଚ ପକ୍ଷରୁ ଟାଟା ପାୱାରର ଚୌଦ୍ୱାର ଡିଭିଜନ୍ ଅଫିସ୍ ପରିସରରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଶତାଧିକ ବିଦ୍ୟୁତ୍ ଶ୍ରମିକ, କର୍ମଚାରୀ ଓ ଇଞ୍ଜିନିୟର ଯୋଗଦେଇ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। କର୍ମଚାରୀମାନଙ୍କୁ ପ୍ରତିଦିନ ୧୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ କାର୍ଯ୍ୟ କରାଯାଉଥିବା, ଟାଟା ପାୱାରରେ ଯୋଗ ଦେଇଥିବା ସେସବୁ କର୍ମଚାରୀଙ୍କୁ ପ୍ରମୋସନ୍ ନ ଦିଆଯିବା, ସେସବୁ ଆସିଥିବା ସିନିୟର ଇଞ୍ଜିନିୟରମାନଙ୍କୁ ଟାଟା ପାୱାରର ଜୁନିୟର କର୍ମଚାରୀଙ୍କ ଅଧୀନରେ କାର୍ଯ୍ୟ କରିବାକୁ ବାଧ କରାଯାଉଥିବା ବିକ୍ଷୋଭକାରୀମାନେ ଅଭିଯୋଗ କରିଥିଲେ। କର୍ମଚାରୀମାନଙ୍କର ଏନ୍‌ପିଏସ୍ ଲାଗୁ କରିବା, ସ୍ୱାସ୍ଥ୍ୟବୀମାରେ ଥିବା ତାରତମ୍ୟକୁ ଦୂର କରିବା, ସମାନ କାମକୁ ସମାନ ଦରମା ପ୍ରଦାନ, ୧୮ ବର୍ଷ ଧରି ଠିକାରେ କାର୍ଯ୍ୟ କରି ଆସୁଥିବା ଇଞ୍ଜିନିୟର, କର୍ମଚାରୀ ଓ ଶ୍ରମିକମାନଙ୍କୁ ସ୍ଥାୟୀ କରିବା ପାଇଁ ଦାବି କରାଯାଇଥିଲା। ଏଥିସହ ଟାଟା ପାୱାରର ମନମୁଖୀ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ଓ ଗ୍ରାହକ ଶୋଷଣ ନୀତିକୁ ମଞ୍ଚର କର୍ମକର୍ତ୍ତାମାନେ ବିରୋଧ କରିଥିଲେ। ରାଜ୍ୟ ସରକାର ଓ ଟାଟା ପାୱାର କର୍ତ୍ତୃପକ୍ଷ ଆସନ୍ତା ୧୩ ତାରିଖ ମଧ୍ୟରେ ଉକ୍ତ ଦାବିଗୁଡ଼ିକ ପୂରଣ ନ କଲେ ୧୪ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ଏକତା ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ମଞ୍ଚର କଟକ ଡିଭିଜନ୍‌ର ତନ୍ମୟ ମିଶ୍ର, ସମ୍ବିତ୍ ଦାସ, ଭବାନୀ ମଲ୍ଲ, ବାସୁଦେବ ପଣ୍ଡା, ପ୍ରଶାନ୍ତ ମହାପାତ୍ର, ନୀଳମଣି ବଳ, ପ୍ରଭାତ କୁମାର ମଲ୍ଲ, ସତ୍ୟବାଦୀ ବାଗ୍, ଅକ୍ଷୟ ତ୍ରିପାଠୀ, ବିଶ୍ୱନାଥ ସ୍ୱାଇଁ ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ। ଏ ସମ୍ପର୍କରେ ଟାଟା ପାୱାର ଚୌଦ୍ୱାର ସବ୍‌ଡିଭିଜନ ଏସ୍‌ଡିଓ ସମୀର ପଢିହାରୀଙ୍କୁ ପଚାରିବାରେ ସମସ୍ତ ଦାବୀ ଯୁକ୍ତିସଙ୍ଗତ ବୋଲି କହିଥିଲେ।

### ଗଞ୍ଜେଇ ଜବତ, ୨ ଗିରଫ

**କଟକ ଅଫିସ,୭।୨:** ରାଜ୍ୟ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ମଙ୍ଗଳବାର ଗୋପାଳପୁର ଛକଠାରେ ଚଢ଼ାଉ କରାଯାଇ ଏକ କାର୍ ସହ ୫୦ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି କାରବାରରେ ସମ୍ପୃକ୍ତ ବିହାର ଭାଗଲପୁରର ମହମ୍ମଦ ତଫିଉଲ ଓ ପଶ୍ଚିମବଙ୍ଗ ବୀରଭୂମିର ତସଲିମା ବିବିଙ୍କୁ ଗିରଫ କରାଯାଇଛି। ସେମାନେ ଉକ୍ତ କାରରେ ଗଞ୍ଜେଇ ନେଇ ବ୍ରହ୍ମପୁରରୁ ପଶ୍ଚିମବଙ୍ଗ ଯାଉଥିବାବେଳେ ଅବକାରୀ ଟିମ୍ ହାତରେ ଧରାପଡିଥିଲେ।

### ଆବାସ ତାଲିକାରୁ ବାଦ୍ ପଡ଼ିବେ ୧୦୬ ଅଯୋଗ୍ୟ ହିତାଧିକାରୀ

କଟକ ସଦର,୭।୨(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅଧୀନ ୨୩ଟି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ତାଲିକା ଯାଞ୍ଚ ଶେଷ ହୋଇଛି। ମୋଟ ୫୩୩ ଜଣ ଥିବା ଆବାସ ତାଲିକାରୁ ୧୦୬ ଜଣ ଅଯୋଗ୍ୟ ବାଦ୍ ପଡିବେ ବୋଲି ତଦନ୍ତରୁ ଜଣାପଡିଛି। ଆବାସ ଯୋଜନାରେ ପୂର୍ବରୁ ଘର କରିବା ପାଇଁ ନେଇଥିବା କିସ୍ତି ଟଙ୍କା ଅନେକ ଲୋକ ଫେରାଇଥିଲେ ମଧ୍ୟ ସେମାନଙ୍କୁ ଏବେ ନୂତନ ଆବାସ ମିଳିପାରୁନାହିଁ। କାରଣ ସେମାନଙ୍କ ଆର୍ଥିକ ସ୍ଥିତି ଭଲ ଅବସ୍ଥାକୁ ଚାଲି ଆସିଥିବା ତଦନ୍ତବେଳେ ଜଣାପଡିଛି। ଅନେକେ ଗୋଟିଏ ପରିବାରର ସଦସ୍ୟ ହୋଇଥିବାରୁ ଏକାଧିକ ଦେବା ସମ୍ଭବ ହେଉନାହିଁ। ଅପରପକ୍ଷରେ ମଙ୍ଗଳବାର ସୋମପୁର ପଞ୍ଚାୟତରେ ଗ୍ରାମସଭା ଦ୍ୱିତୀୟ ଥର ପାଇଁ ଡକାଯାଇଥିଲା। ସରପଞ୍ଚ ପୀତାମ୍ବର ଦାସଙ୍କ ସଭାପତିତ୍ୱରେ ସଭା ଆରମ୍ଭ ହେବା ମାତ୍ରେ ପାଟିତୁଣ୍ଡ ହୋଇଥିଲା। ଯେପର୍ଯ୍ୟନ୍ତ ୩୮ ଜଣ ହିତାଧିକାରୀଙ୍କୁ ବ୍ଲକ ପ୍ରଶାସନ ଯୋଗ୍ୟ ନ କରିଛି ସେପର୍ଯ୍ୟନ୍ତ ସଭା କରାଇ ଦିଆଯିବ ନାହିଁ ବୋଲି ଉପସ୍ଥିତ ଭୋଟର କହିଥିଲେ। ବିଭିନ୍ନ କାରଣରୁ ୧୫ ଜଣ ଅଯୋଗ୍ୟ ବୋଲି ତଦନ୍ତକାରୀ ଅଧିକାରୀମାନେ ଜାଣିପାରିଥିଲେ। ୨ ଥର ଗ୍ରାମସଭା ସଫଳ ହୋଇ ନ ଥିବାରୁ ଉକ୍ତ ପଞ୍ଚାୟତରେ ଆଉ ଗ୍ରାମସଭା ଡକା ନ ଯାଇ ବିଡିଓ ନିଷ୍ପତ୍ତି ଗ୍ରହଣ କରିବେ ବୋଲି ଜଣାପଡିଛି।

# ବେଆଇନ ମାଟି ଉଠାଣକୁ ବିରୋଧ

ମଙ୍ଗୁଳି-ଜଗତପୁର, ୭।୨ (ଡି.ଏନ.ଏ.)

ଚୌଦ୍ୱାର ପୌରପାଳିକା ଅଧୀନ ୧୬ ନମ୍ବର ୱାର୍ଡସ୍ଥିତ ବନ୍ଦ ବଲ୍ଲାରପୁର ପେପର ମିଲ୍ ଜମିର ପାଚେରି ଭାଙ୍ଗି ବେଆଇନ ଭାବେ ମାଟି ଖନନ ଯାଉଛି। ଏହାକୁ ସ୍ଥାନୀୟ ଅଞ୍ଚଳବାସୀ ବିରୋଧ କରିଛନ୍ତି। ସାମାଜିକ କର୍ମୀ ଶ୍ରୀକାନ୍ତ ବେହେରାଙ୍କ ନେତୃତ୍ୱରେ ୨୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷ ମଙ୍ଗଳବାର ଚୌଦ୍ୱାର ଥାନା ଅଧିକାରୀ ବିରଞ୍ଚି ନାରାୟଣ ପତି ଓ ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସଙ୍କୁ ଭେଟି ଏ ନେଇ ୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ହାଇକୋର୍ଟ ଉକ୍ତ ଜାଗା ଉପରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥିତାବସ୍ଥା ଜାରି କରିଛନ୍ତି। ଏହାସତ୍ତ୍ୱେ ସେଠାରୁ ବେଆଇନ ଭାବେ ମାଟି ଉଠାଯାଇ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। ତେଣୁ ଏହାର ତଦନ୍ତ କରାଯାଇ ଏହି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେମାନେ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ୨୦୦୩ ମାର୍ଚ୍ଚ ୧୨ରେ ବଲ୍ଲାରପୁର କମ୍ପାନୀ ବନ୍ଦ ହୋଇଯାଇଥିଲା। ଏହାପରେ କିଛି କମ୍ପାନୀ କର୍ତ୍ତୃପକ୍ଷ ଉକ୍ତ ଜମିକୁ ଜୋର୍ ଜବରଦସ୍ତ ଦଖଲ କରିବା ପାଇଁ ଉଦ୍ୟମ କରିଥିଲେ। ସେମାନଙ୍କ କବଳରୁ ଏହି ଜମିକୁ ସୁରକ୍ଷିତ ରଖିବା ପାଇଁ ୨୦୨୦ରେ ଶ୍ରୀକାନ୍ତ ହାଇକୋର୍ଟରେ ମାମଲା ଦାଏର କରିଥିଲେ। ୩ ବର୍ଷ ପରେ କଜଳକଣାଠାରେ ଥିବା ବଲ୍ଲାରପୁର ନର୍ସରି ପାଚେରିକୁ ପ୍ରାୟ ୨୫୦ ମିଟର ଭାଙ୍ଗି ଏକ କମ୍ପାନୀ ଉକ୍ତ ଜାଗାରେ ବଡ଼ ଗାତ ଖୋଳି ସେଥିରୁ ମାଟି ଓ କୋଇଲା ଛଇ କାଢି ଅନ୍ୟତ୍ର ବିକ୍ରି କରୁଛି। ସେହିପରି ୫୫ ନମ୍ବର ଜାତୀୟ ରାଜପଥର ବାମ ପାର୍ଶ୍ୱରେ ଏକ ଢାବା ନିର୍ମାଣ କରାଯାଇଛି। ଉକ୍ତ ଢାବା ମାଲିକ ବଲ୍ଲାରପୁରର ୭/୮ଏକର ଜମିକୁ ନିଜ କବ୍‌ଜାରେ ରଖିବା ସହ ଗାଡି ପାର୍କିଂ କରାଉଛନ୍ତି। ଏଥିସହ ପ୍ରତି ଗାଡ଼ି ପିଛା ଅର୍ଥ ଆଦାୟ କରୁଛନ୍ତି। ବଲ୍ଲାରପୁର ରେଳ ଲାଇନକୁ ଜଣେ ମହିଳା ଜେସିବି ସାହାଯ୍ୟରେ କାଟି ନିଜ ଜାଗାର ପରିମାଣକୁ ବଢାଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏ ସମ୍ପର୍କରେ ତହସିଲଦାର ଦାସ କହିଛନ୍ତି, ୭ ଦିନ ମଧ୍ୟରେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ପାଇଁ ଆର୍‌ଆଇଙ୍କୁ କୁହାଯାଇଛି। ସେ ତଦନ୍ତ ରିପୋର୍ଟ ଦେବାପରେ ଅଭିଯୋଗରେ ଯଦି ସତ୍ୟତା ଥାଏ, ତେବେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଦାବିପତ୍ର ପ୍ରଦାନବେଳେ ରମେଶ ନାୟକ, ପ୍ରମୋଦ ବେହେରା, ବର୍ଷାରାଣୀ ପଲେଇ, ନିତ୍ୟାନନ୍ଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି



କଟକ ଅଫିସ, ୭।୨

ଖବରକାଗଜ ବିକ୍ରେତା ମାନସ ରଞ୍ଜନ ଦାସଙ୍କ ବାପା କୃଷ୍ଣଚନ୍ଦ୍ର ଦାସଙ୍କର ଗତ ୨୭ ତାରିଖରେ ପରଲୋକ ହୋଇଥିଲା। ଏକାଦଶାହ ଅବସରରେ ସମ୍ବାଦପତ୍ର ବିକ୍ରେତା ସଂଘର କର୍ମକର୍ତ୍ତାମାନେ ସୋମବାର କୃଷ୍ଣଚନ୍ଦ୍ରଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଂଘ ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ଦାସ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ପ୍ରଭାସ ପ୍ରଧାନ, କମିଟି ସଭ୍ୟ ମନୋଜ ପାଲ, ହିମାଂଶୁ ମହାପାତ୍ର, ପ୍ରଶାନ୍ତ ସାହୁ, ପ୍ରଦ୍ୟୁମ୍ନ ବିଶୋଇ, ଦୁର୍ଗା ପ୍ରସାଦ ଛାଟୋଇ, ଦୀପ୍ତିରଞ୍ଜନ ପଟ୍ଟନାୟକ, ସନ୍ତୋଷ ମହାନ୍ତି, ସୁରେନ୍ଦ୍ର ନାଥ ସାହୁ ଉପସ୍ଥିତ ଥିଲେ।

# ଉଦ୍‌ଘାଟନ ପରେ ବି କାର୍ଯ୍ୟକ୍ଷମ ହେଉନି ସ୍ୱର୍ଗରଥ

କଟକ ଅଫିସ,୭।୨

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଗତ ୨୬ ତାରିଖରେ ଦୁଇଟି ଆମ୍ବୁଲାନ୍ସ, ଶବବୁହା ଗାଡି (ସ୍ୱର୍ଗରଥ) ଉଦ୍‌ଘାଟନ ହୋଇଥିଲା। ଇତିମଧ୍ୟରେ ଉଦ୍‌ଘାଟନକୁ ୧୩ ଦିନ ବିତି ଯାଇଥିଲେ ମଧ୍ୟ ତାହା କାର୍ଯ୍ୟକ୍ଷମ ନ ହୋଇ ସିଏମ୍‌ସି ପାର୍କିଂସ୍ଥଳରେ ରଖାଯାଇଛି। ମଙ୍ଗଳବାର ସିଏମ୍‌ସିର ୨୬ନଂ. ୱାର୍ଡରେ ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତଦେହ ନେବାକୁ ସ୍ଥାନୀୟ କର୍ପୋରେଟର ଗଗନ କୁମାର ଓଝା ସ୍ୱର୍ଗରଥ ପଠାଇବା ପାଇଁ ସିଏମ୍‌ସିକୁ ଜଣାଇଥିଲେ। ହେଲେ ସିଏମ୍‌ସି କର୍ତ୍ତୃପକ୍ଷ କହିଥିଲେ, ସ୍ୱର୍ଗରଥ ପାଇଁ କିଛି ଫାଇନାଲ ହେଇନି। ସେଥିପାଇଁ ଗାଡି ଯାଇପାରିବ ନାହିଁ। ଏ ନେଇ ଓଝା କହିଛନ୍ତି, ସିଏମ୍‌ସି ପାଖରେ ସ୍ୱର୍ଗରଥ ଥାଇ ମଧ୍ୟ ସେବାରେ ଲାଗି ପାରୁନାହିଁ। ଏଥିପାଇଁ କିଏ ଉତ୍ତରଦାୟୀ ବୋଲି ସେ ପ୍ରଶ୍ନ କରିଛନ୍ତି। ଅପରପକ୍ଷରେ ମେୟର ସୁବାସ ସିଂ କହିଛନ୍ତି, ଅଭିଯୋଗ ଭିତ୍ତିହୀନ। ସ୍ୱର୍ଗରଥ କିଛିଦିନ ହେବ ଉଦ୍‌ଘାଟନ ହୋଇଛି। ଖୁବ୍‌ଶୀଘ୍ର ଏହା କାର୍ଯ୍ୟକ୍ଷମ ହେବ।





# ଇଚ୍ଛା ଫୁଡ୍ କୋର୍ଟ ଉଦ୍‌ଘାଟିତ

କଟକ ଅଫିସ, ୭।୨

କଟକ ଜିଲା ଟାଙ୍ଗୀସ୍ଥିତ ଡ୍ରିମ୍‌ସ-ପଦ୍ମିନୀ କେୟାର ହସ୍ପିଟାଲ ପରିସରରେ ଅତ୍ୟାଧୁନିକ ଶୈଳୀରେ ନିର୍ମିତ ଭୋଜନାଳୟ 'ଇଚ୍ଛା ଫୁଡ୍ କୋର୍ଟ' ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ତାଙ୍କ ମାତା ଇଚ୍ଛାବତୀ ରଥଙ୍କ ସ୍ମୃତିରେ ସ୍ଥାପିତ ଉକ୍ତ ଭୋଜନାଳୟକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଡ. ରଥ କହିଥିଲେ, ଛାତ୍ରୀଛାତ୍ର, ଅଭିଭାବକ, ପଦ୍ମିନୀ କେୟାରକୁ ଆସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ସୁବିଧାରେ ଖାଦ୍ୟ, ପାନୀୟ ପାଇପାରିବେ। ଏହି କାର୍ଯ୍ୟକ୍ରମରେ ସହ ଅଧ୍ୟକ୍ଷ ଇଂ. ଦୁର୍ଗାପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ପଦ୍ମିନୀ କେୟାର ହସ୍ପିଟାଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତି ପ୍ରକାଶ ପରିଜା, ହୃଦ୍‌ରୋଗ ବିଶେଷଜ୍ଞ ଡା. ଶିଶୁ ଶଙ୍କର ମିଶ୍ର, ନିର୍ଦ୍ଦେଶକ ଲୋକନାଥ ବେହେରା, ପଦ୍ମା ଗ୍ରୁପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମିଥୁନ୍ ନାମ୍ବିୟାର, ମୁଖ୍ୟ ବିତ୍ତ ଅଧିକାରୀ ଶିବ ରାଉତ, ପ୍ରସନ୍ନ ସାହୁ, ଡ. ନୟନ ରଞ୍ଜନ ସାମଲ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



ଇଚ୍ଛା ଫୁଡ୍ କୋର୍ଟ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଅଭୟାନନ୍ଦ ରଥଙ୍କୁ ଚେଳିତୋଳ ପୁରସ୍କାର

**ଚେଳିତୋଳ କଲଚରାଲ ଏକାଡେମୀର ବାର୍ଷିକ ଉତ୍ସବ**

କଟକ ଅଫିସ, ୭।୨



କଟକ ସାରଳା ଭବନରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ପ୍ରତିଭାଧାରୀଙ୍କ ଗହଣରେ ଅତିଥିବୃନ୍ଦ।

ଚେଳିତୋଳ କଲଚରାଲ ଏକାଡେମୀର ୩୨ତମ ବାର୍ଷିକ ଉତ୍ସବ କଟକ ସାରଳା ଭବନରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜାତୀୟ ଲୋକସେବା ଆୟୋଗର ପରାମର୍ଶଦାତା ଜଷ୍ଟିସ ବୀରକିଶୋର ମିଶ୍ର ଉଦ୍‌ଘାଟନ କରି କହିଥିଲେ, ଚେଳିତୋଳ ବା ଆଧୁନିକ ତିର୍ତ୍ତୋଲ ପୂର୍ବ ଉପକୂଳର ଏକ ସମୃଦ୍ଧ ବନ୍ଦର ଥିଲା। ଏକାଡେମୀର ପ୍ରତିଷ୍ଠାତା ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଏସ୍.ଭି.ଏମ୍. ସ୍ୱୟଂଶାସିତ କଲେଜର ଅଧ୍ୟକ୍ଷ ଡ. ବିଜୟ କୁମାର ପାତ୍ର କହିଥିଲେ, ଉତ୍କଳର ନୌବାଣିଜ୍ୟ ପରମ୍ପରା ଦିନେ ବିଶ୍ୱରେ ପ୍ରସାର ଲାଭ କରିଥିଲା। ଅତୀତର ମୂକସାକ୍ଷୀ ଚେଳିତୋଳ ବନ୍ଦର ଆଜିର ତିର୍ତ୍ତୋଲ। ଏହି ଅବସରରେ ପୂର୍ବତନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ରାଜ୍ୟ ନିର୍ବାଚନ କମିଶନର ଅଭୟାନନ୍ଦ ରଥଙ୍କୁ ଚେଳିତୋଳ ପୁରସ୍କାର ପ୍ରଦାନ କରାଯାଇଥିଲା। ଏତଦ୍‌ବ୍ୟତୀତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡା. ରମେଶ ଚନ୍ଦ୍ର ଦାସଙ୍କୁ ନାରାୟଣ ବୀରବର ସାମନ୍ତ ସେବା ସମ୍ମାନ, ପ୍ରଫେସର ସୁରେଖା ସୁନ୍ଦରୀ ସ୍ୱାଇଁଙ୍କୁ ଚେଳିତୋଳ ସାରସ୍ୱତ ସମ୍ମାନ, ପୂର୍ବତନ ଏସ୍‌ପି ପ୍ରେମାନନ୍ଦ ପରିଡ଼ାଙ୍କୁ ଶରତ ଚନ୍ଦ୍ର ପ୍ରଶାସନ ଓ ସାରସ୍ୱତ ସମ୍ମାନ, ବସନ୍ତ କୁମାର ମହାପାତ୍ରଙ୍କୁ ଚେଳିତୋଳ ସେବା ସମ୍ମାନ, ସୂର୍ଯ୍ୟ ରଞ୍ଜନ ଦାଶଙ୍କୁ କୃଷ୍ଣଚନ୍ଦ୍ର ତ୍ରିପାଠୀ ଶିକ୍ଷାବିତ୍ ସମ୍ମାନ, ଅଧ୍ୟାପକ ନିର୍ମଳ ଚନ୍ଦ୍ର ପହିଙ୍କୁ ଜେନାମଣି ସାରସ୍ୱତ ସମ୍ମାନ, ରୋଜି ରାୟଙ୍କୁ ନୀନା ଗଚ୍ଛାୟତ ସ୍ମାରକୀ ସମ୍ମାନ ଏବଂ ସୁକାନ୍ତି ମହାନ୍ତିଙ୍କୁ ରାମଚନ୍ଦ୍ର ଦଳାଇ ସ୍ମାରକୀ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏକାଡେମୀର କାର୍ଯ୍ୟକାରୀ ସଭାପତି ଡା. ନୀରଦ କୁମାର ଗଚ୍ଛାୟତ, ଡା. ନିରଞ୍ଜନ ତ୍ରିପାଠୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଏକାଡେମୀର ସଭାପତି ଡା. ନିମାଇଁ ଚରଣ ପରିଜା ସ୍ୱାଗତ ଭାଷଣ, ନାଟ୍ୟକାର ସଞ୍ଜିତ ପଟ୍ଟନାୟକ, ଗାଳ୍ପିକା ସୋହାଗିନୀ ବେହେରା, କବି ଗୋପା ଦାସ, ବିଶ୍ୱାମିତ୍ର ମିଶ୍ର, ଅଧ୍ୟାପକ ଗୋପୀନାଥ ପଣ୍ଡା, ବିଜୁ ପ୍ରସାଦ ରାଉତ ମାନପତ୍ର ପାଠ କରିଥିଲେ। କୈଳାସ ଚନ୍ଦ୍ର ଦଳାଇ କାର୍ଯ୍ୟକ୍ରମ ପରିଚାଳନା, ଇଂ. ସୁଶୀଲ କୁମାର ମହାପାତ୍ର ବିବରଣୀ ପାଠ ଓ ବିଜୁ ପ୍ରସାଦ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

## ରାମଚରିତ ନବାହ୍ନ ପାରାୟଣ

ଜଟଣୀ,(ଡି.ଏନ୍.ଏ.): ଜଟଣୀ ବ୍ଲକ ତରାବୋଇ ପଞ୍ଚାୟତରେ ୨୫ତମ ରାମଚରିତ ନବାହ୍ନ ପାରାୟଣ ଓ ଜ୍ଞାନଯଜ୍ଞ ପୂର୍ଣ୍ଣାହୁତିରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ପୁରୋଧା ପଣ୍ଡିତ ରମେଶ ଚନ୍ଦ୍ର କର ଓ ପଣ୍ଡିତ ରଞ୍ଜନ କୁମାର କର ବେଦ ପାଠ ସହିତ ମନ୍ତ୍ର ଉଚ୍ଚାରଣ କରି ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ। ଶେଷରେ ପ୍ରତିଷ୍ଠିତ ପ୍ରବଚକଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମୁଖ୍ୟ ଆବାହକ ଅଧ୍ୟାପକ ପ୍ରମୋଦ ହୋତା, ଗଣେଶ ଚନ୍ଦ୍ର ବେହେରା, ସୁବାସ ଚନ୍ଦ୍ର ସାହୁ, ବିଜୟ ଜେନା, ଗଦାଧର ବେହେରା ପ୍ରମୁଖଙ୍କ ସୁପରିଚାଳନାରେ ଏହା ସମ୍ପନ୍ନ ହୋଇଥିଲା।

# ଜରିମାନାକୁ କେନ୍ଦ୍ରକରି ଉତ୍ତେଜନା

■ ଟାୟାର ଜାଳି ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକା

■ ପୋଲିସ-ଜନତା ମୁହାଁମୁହିଁ

ଖୋର୍ଦ୍ଧା ଅଫିସ,୭।୨

ଖୋର୍ଦ୍ଧା ସହରରେ ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ବଢ଼ିଚାଲିଛି। ଏନେଇ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ରାସ୍ତା ଉପରେ ପାର୍କିଂ କରୁଥିବା ଯାନବାହନ ମାଲିକଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ମଙ୍ଗଳବାର ନୂଆ ବସ୍‌ଷ୍ଟାଣ୍ଡଠାରେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ପକ୍ଷରୁ ରାସ୍ତାରେ ପାର୍କିଂ କରିଥିବା ଯାନ ମାଲିକଙ୍କଠାରୁ ଜରିମାନା ଆଦାୟ କରାଯାଉଥିଲା। ଏହି ସମୟରେ କଂଗ୍ରେସ ଯୁବନେତା ଶିଳାଦିତ୍ୟ ପଟ୍ଟନାୟକଙ୍କ ବାଇକ୍‌ରୁ ଜରିମାନା ଆଦାୟକୁ କେନ୍ଦ୍ରକରି ଜଣେ ମହିଳା ଏସ୍‌ଆଇଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଏନେଇ ଉଭୟ ମୁହାଁମୁହିଁ ହୋଇଥିଲେ। ଏସ୍‌ଆଇ ଶିଳାଦିତ୍ୟଙ୍କୁ ଏକ ଧକ୍କା ମାରିଥିବା ନେଇ ଅଭିଯୋଗ ଆଣିଥିଲେ। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ପୋଲିସ ସେଠାରୁ ପଳାଇଥିବା ବେଳେ ଜନସାଧାରଣଙ୍କ ପ୍ରତି ପୋଲିସର ଦୁର୍ବ୍ୟବହାର ପ୍ରତିବାଦରେ ସ୍ଥାନୀୟ ବ୍ୟବସାୟୀ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଫଳରେ ଉଭୟପଟୁ ଆସୁଥିବା ଯାନବାହନ ପ୍ରାୟ ୩୦ ମିନିଟଥ ଧରି ଅଟକି ରହିଥିଲା। ଖବରପାଇ ଟାଉନ ଥାନା ଅଧିକାରୀ ତାରିକ ଅହମ୍ମଦ ଏବଂ ଅନ୍ୟ ପୋଲିସ ଅଧିକାରୀମାନେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ୍ ହୋଇଥିଲା।

ସୂଚନା ମୁତାବକ, ମଙ୍ଗଳବାର ପୂର୍ବାହ୍ନରେ ଟାଉନ ଥାନାର ଜଣେ ମହିଳା ଏସ୍‌ଆଇଙ୍କ ନେତୃତ୍ୱରେ ଏକ ଟିମ୍ ବସ୍‌ଷ୍ଟାଣ୍ଡ ପଟୁ ରାସ୍ତା ଉପରେ ପାର୍କିଂ କରିଥିବା ଯାନବାହନ ମାଲିକଙ୍କଠାରୁ ଜରିମାନା ଆଦାୟ କରୁଥିଲା। ବସ୍‌ଷ୍ଟାଣ୍ଡ ନିକଟରେ ପୌର ପରିଷଦ ମାର୍କେଟ କମ୍ପ୍ଲେକ୍ସ ରହିଛି। ଶିଳାଦିତ୍ୟ କୌଣସି କାମରେ ଆସି ଏକ ରାସ୍ତା ପାର୍ଶ୍ୱରେ ବାଇକ୍ ପାର୍କିଂ କରି କାମ ସାରି ଫେରିବା ବେଳେ ପୋଲିସ ତାଙ୍କଠାରୁ ଚାଲାଣ କାଟିବାକୁ ନେଇ ବିରୋଧ କରିଥିଲେ। ଏଠାରେ ପାର୍କିଂ ସୁବିଧା ନ ଥିବାରୁ କେଉଁଠି ବାଇକ୍ ରଖିବେ ବୋଲି ପ୍ରଶ୍ନ କରିଥିଲେ। ଏନେଇ ସମ୍ପୃକ୍ତ ମହିଳା ଏସ୍‌ଆଇଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ପରେ ଏହା ଉତ୍ତେଜନାର ରୂପ ନେଇଥିଲା। ଏନେଇ ଶିଳାଦିତ୍ୟ କୁହନ୍ତି, ରାସ୍ତା ଉପରେ ଲମ୍ବାରେ ବାଇକ୍ ପାର୍କିଂ ହୋଇଥିବା ବେଳେ କେବଳ ମୋ ବାଇକ୍‌କୁ କାହିଁକି, ସମସ୍ତ ବାଇକ୍ ମାଲିକଙ୍କଠାରୁ ଜରିମାନା ଆଦାୟ କରିବାକୁ ମୁଁ କହିବାରୁ ସେ ହଠାତ୍ ରାଗି ତୁମେ କିଏ, ଆମେ ଯାହା ଚାହିଁବୁ କରିବୁ ବୋଲି କହିବାରୁ ମୁଁ ଏହାର ବିରୋଧ କରିବା ବେଳେ ସେ ମୋତେ ଧକ୍କା ମାରିଥିଲେ ବୋଲି ଗଣମାଧ୍ୟମ ଆଗରେ କହିଛନ୍ତି। ଅନ୍ୟପଟେ ସମ୍ପୃକ୍ତ ମହିଳା ଏସ୍‌ଆଇଙ୍କ ମତାମତ ମିଳିପାରିନାହିଁ। ଏନେଇ ବସ୍‌ଷ୍ଟାଣ୍ଡ ସଦ୍‌ଭାବନା ବ୍ୟବସାୟୀ ସଂଘ ସଭାପତି ଶୋଭନ ଘୋଷ୍ କୁହନ୍ତି, ବସ୍‌ଷ୍ଟାଣ୍ଡ ରାସ୍ତାର ଉଭୟ ପାର୍ଶ୍ୱରେ ଦୋକାନ ରହିଛି। ପୌର ମାର୍କେଟ କମ୍ପ୍ଲେକ୍ସ ସମ୍ମୁଖରେ ଡ୍ରେନ୍ ରହିଛି। ଏଠାରେ ପାର୍କିଂ ସୁବିଧା ନାହିଁ। ଗୋଟିଏ ପାର୍ଶ୍ୱରେ ବ୍ୟାଙ୍କ, ଏକ ଶପିଂ ମଲ୍ ରହିଥିବାରୁ ଲୋକେ ବାଧହୋଇ ରାସ୍ତା ପାର୍ଶ୍ୱରେ ପାର୍କିଂ କରୁଛନ୍ତି। ତେବେ ପୌର ପ୍ରଶାସନ ପକ୍ଷରୁ କୌଣସି ପାର୍କିଂ ସୁବିଧା କରାଯାଇ ନ ଥିବା ଏବଂ ଏନେଇ ପ୍ରଶାସନ ପକ୍ଷରୁ ଆଗୁଆ ସୂଚନା ଦିଆ ନ ଯାଇ ମନଇଚ୍ଛା ଜରିମାନା ଆଦାୟକୁ ବିରୋଧ କରୁଛି। ଏହାର ସମାଧାନ କରା ନ ଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧହେବୁ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଏନେଇ ଥାନାଧିକାରୀ ତାରିକ୍ ଅହମ୍ମଦ କୁହନ୍ତି, ରାସ୍ତା ଉପରେ ପାର୍କିଂ ଯୋଗୁ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହେଉଛି। ଏନେଇ ବିଭିନ୍ନ ମହଲରୁ ଅଭିଯୋଗ ହେଉଛି। ଏ ସମ୍ପର୍କରେ ପୌର ପ୍ରଶାସନ ସହ ଆଲୋଚନା କରାଯିବ। ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି କୁହନ୍ତି, ଏ ସମ୍ପର୍କରେ ପ୍ରଶାସନ ସହ ଆଲୋଚନା କରାଯିବ। ରାସ୍ତା ଉପରକୁ ମାଡ଼ି ଆସିଥିବା ବେପାରୀ, ଡ୍ରେନ୍‌କୁ ଅବରୋଧ କରି ବେପାର କରୁଥିବା ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯିବା ନେଇ ସ୍ଥିର ହୋଇଛି।



ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛନ୍ତି।



ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଛି।

## ଅବକାରୀ ଚଢ଼ାଉ, ଜଣେ ଗିରଫ

ବେଗୁନିଆ,୭।୨(ଡି.ଏନ୍.ଏ.)

ବେଗୁନିଆ ଅବକାରୀ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚାଲିଥିବା ବେଆଇନ ମଦ ବେପାର ଉପରେ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ଚଢ଼ାଉ କରାଯାଇଛି। ଏଥିରେ ସମ୍ପୃକ୍ତି ନେଇ ଜଣେ ବେପାରୀଙ୍କୁ ଗିରଫ କରାଯାଇଛି। ସେ ହେଲେ କଟକ ଜିଲା ବୈଦ୍ୟେଶ୍ୱର ଥାନା କଳାପଥର ଗ୍ରାମର ମନ୍ମଥ ସୁନ୍ଦର ସାହୁ (୨୮)। ତାଙ୍କ ନିକଟରୁ ୪୦ଲିଟର ଦେଶୀ ମଦ ସହ ସ୍କୁଟି ଜବତ କରାଯାଇଛି। ପ୍ରକାଶ ଯେ, ଧଳାପଥର, ମାଣିବନ୍ଧ, କୋଦବେରେଣି, ବଡ଼ପଦର, ଗେଡିଆପଲ୍ଲି ଆଦି ଅଞ୍ଚଳରେ ମଦ ବେପାର ଚାଲିଥିବା ସନ୍ଦେହରେ ଚଢ଼ାଉ କରାଯାଇଥିଲେ ମଧ୍ୟ ଅବକାରୀ ବିଭାଗକୁ ସଫଳତା ମିଳି ନ ଥିଲା। ଏହି ସମୟରେ ମନ୍ମଥ ସ୍କୁଟିରେ ଯାଉଥିଲେ। ସନ୍ଦେହରେ ପୋଲିସ ତାଙ୍କୁ ଗେଡିଆପଲ୍ଲି ଛକ ନିକଟରେ ଅଟକାଇଥିଲା। ଗାଡ଼ିରେ ଥିବା ବ୍ୟାଗକୁ ଖୋଲି ଦେଖିଲା ବେଳକୁ ଦେଶୀ ମଦ ଥିବା ଜଣାପଡିଥିଲା। ଏନେଇ ବେଗୁନିଆ ଅବକାରୀ ଥାନାରେ ଏକ ମାମଲା (ନଂ.୧୪୬/୨୩) ରୁଜୁ ହୋଇଛି।

## ସଂକ୍ଷେପରେ

### ଆଜିଠୁ ନୀଳାମ୍ବୁ ମହୋତ୍ସବ

ଟାଙ୍ଗୀ(ଖୋର୍ଦ୍ଧା),୭।୨(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ବୁଧବାରଠାରୁ ଆରମ୍ଭ ହେବ ନୀଳାମ୍ବୁ ମହୋତ୍ସବ-୨୦୨୩। ଟାଙ୍ଗୀରେ ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବ ୭ଦିନ ଅର୍ଥାତ୍ ୧୪ତାରିଖ ପର୍ଯ୍ୟନ୍ତ ଚାଲିବ। ରାମଦୋଳି, ମୀନା ବଜାର, ଅନ୍ୟାନ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ, ବିଭିନ୍ନ ଖାଦ୍ୟ ଷ୍ଟଲ ସହ ସରକାରୀ ଓ ବେସରକାରୀ ପ୍ରଦର୍ଶନୀ ଷ୍ଟଲ ପଡ଼ିବ। ଏଥିସହ ମହୋତ୍ସବର ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳ ଓ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।

### ୧ ଏକର ପଟାସ ଜଙ୍ଗଲ ଜଳିଗଲା

ବୋଲଗଡ଼,୭।୨(ଡି.ଏନ୍.ଏ.): ବୋଲଗଡ଼ ବ୍ଲକ ପିଚୁକୁଳି ନେତାଜୀ ଛକ ନିକଟରେ ଥିବା ପଟାସ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟି ପ୍ରାୟ ଏକ ଏକର ଜଙ୍ଗଲ ପୋଡ଼ିଯାଇଛି। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଖବରପାଇ ବୋଲଗଡ଼ ଓ ବେଗୁନିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ସୂଚନା ମୁତାବକ, ବହୁଦିନ ଧରି ସ୍ଥାନୀୟ ଅଞ୍ଚଳରେ ବର୍ଷା ହୋଇ ନ ଥିବାରୁ ମାଟିର ଆର୍ଦ୍ରତା ଶୁଷ୍କ ହୋଇଯାଇଛି। ଆଗକୁ ଖରାଦିନ ରହିଛି। ତେଣୁ ଅଗ୍ନିଶମ କର୍ମଚାରୀ, ଜନସାଧାରଣ ଜଙ୍ଗଲରେ ଅଗ୍ନିକାଣ୍ଡର ପ୍ରତିରୋଧ ପାଇଁ ସଜାଗ ରହିବାର ଆବଶ୍ୟକ ରହିଛି ବୋଲି ପରିବେଶପ୍ରେମୀ କହିଛନ୍ତି।

### କାଳିଜାଈଙ୍କ ପୀଠରେ ଯଜ୍ଞ

ଗମ୍ଭାରୀମୁଣ୍ଡା,୭।୨(ଡି.ଏନ୍.ଏ.): ଚିଲିକା ବ୍ଲକ ମାନସିଂହପୁର ଗ୍ରାମ ମତ୍ସ୍ୟଜୀବୀ ଅଞ୍ଚଳ କାଳିଜାଈଙ୍କ ପୀଠରେ ଆରମ୍ଭ ହୋଇଛି ଯଜ୍ଞ। ମଙ୍ଗଳବାର ସୋରଣ ଜାଗେଶ୍ୱର ମନ୍ଦିର ବ୍ରହ୍ମାକୁଣ୍ଡରୁ ବାହାରି ସୋରଣ ଓ ମାନସିଂହପୁର ଗ୍ରାମ ମା' କାଳିଜାଈ ପୀଠ ଦୁଇ କିଲୋମିଟର ପର୍ଯ୍ୟନ୍ତ କଳସ ଯାତ୍ରା ହୋଇଥିଲା। ବିଡିଓ ଜଗଦୀଶ ଷଡ଼ଙ୍ଗୀ, ସଞ୍ଜୟ କୁମାର ପଟ୍ଟନାୟକ, ମାଣିକ ବେହେରା, ମଧୁସ୍ମିତା ତ୍ରିପାଠୀ, ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ, ପୂର୍ବତନ ବିଧାୟକ ରଘୁନାଥ ସାହୁ, ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ବେହେରା, ମାନସିଂହପୁର ସରପଞ୍ଚ କାମିନୀ ବେହେରା ଯୋଗଦେଇଥିଲେ। ଏହି ଯଜ୍ଞଯାତ୍ରାରେ ମୀନାବଜାର ସହିତ ଦୋଳି ପଡ଼ିଛି।

### ସରକାରୀ ଜମି ଜବରଦଖଲ ମୁକ୍ତ ପାଇଁ ଦାବିପତ୍ର

ଟାଙ୍ଗୀ(ଖୋର୍ଦ୍ଧା),୭।୨(ଡି.ଏନ୍.ଏ.): ଟାଙ୍ଗୀ ତହସିଲ ଅନ୍ତର୍ଗତ ରତନପୁର ପଞ୍ଚାୟତରେ ଥିବା ସରକାରୀ ଜମିକୁ କେତେଜଣ ବ୍ୟକ୍ତି ଜବରଦଖଲ କରିଛନ୍ତି। ଏପରିକି ରେଳ ଫାଟକଠାରୁ ସୋରଣ ଅଭିମୁଖେ ଯାଇଥିବା ଆର୍‌ଡି ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ସରକାରୀ ଜମିରେ ସ୍ଥାୟୀ ଗୃହ ନିର୍ମାଣ କରୁଛନ୍ତି। ସ୍ଥାନୀୟ ଗ୍ରାମବାସୀ ପ୍ରତିବାଦ କଲେ ମିଳୁଛି ଧମକ। କୁହୁଡି, ସୋରଣ, ମାନସିଂହପୁର, ରତନପୁର ପଞ୍ଚାୟତ ପାଇଁ ଥିବା ପ୍ରାଣୀ ବିଭାଗ ଚିକିତ୍ସାଳୟର ଚତୁଃପାର୍ଶ୍ୱ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ତେବେ ସରକାରୀ ଜମି ଜବରଦଖଲମୁକ୍ତ କରିବାକୁ ମଙ୍ଗଳବାର ଗ୍ରାମବାସୀଙ୍କ ପକ୍ଷରୁ ଏକ ଦାବିପତ୍ର ଟାଙ୍ଗୀ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଜବରଦଖଲକାରୀଙ୍କୁ କେତେଜଣ ଜନପ୍ରତିନିଧି ସହଯୋଗ କରୁଥିବା ଅଭିଯୋଗ ହେଉଛି।

### ରାମେଶ୍ୱର ସ୍ପୋର୍ଟିଂ ବିଜୟୀ

କୃଷ୍ଣପ୍ରସାଦ,୭।୨(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପଣସପଦା ମିନି ଷ୍ଟାଡିୟମରେ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର ମେମୋରିଆଲ ଟି-୨୦ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ହରିଶ୍ୱର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କାନାଡା ବ୍ୟାଙ୍କ ଚେୟାରମ୍ୟାନ ଦିବାକର ହରିଚନ୍ଦନ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ହରିହର ନୋଡାଲ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ପଲେଇ ଅତିଥିଭାବେ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଭୁବନେଶ୍ୱର ଓ ଏସିସି କ୍ରିକେଟ ଟିମ ଝାଡ଼ଖଣ୍ଡ ମଧ୍ୟରେ ହୋଇଥିଲା। ରାମେଶ୍ୱର ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୪୯ ରନ ସଂଗ୍ରହ କରିଥିଲା। ଜବାବରେ ଝାଡ଼ଖଣ୍ଡ ଟିମ୍ ୧୩ ଓଭରରେ ସମସ୍ତ ଉଇକେଟ ବିନିମୟରେ ଆବଶ୍ୟକ ରନ୍ ସଂଗ୍ରହ ନ କରିପାରି ପରାଜିତ ହୋଇଥିଲା। ନିର୍ମଳ ମିଶ୍ର ଓ ଆୟୋସ ମିଶ୍ର ମ୍ୟାଚ୍ ପରିଚାଳନା କରିଥିଲେ। ସୌମ୍ୟ ରଞ୍ଜନ ଲେଙ୍କା, ଗଦାଧର ପ୍ରଧାନ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ଶୃଙ୍ଖଳିତ ସମାଜ ଗଠନରେ ବରିଷ୍ଠ ନାଗରିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ବରିଷ୍ଠ ନାଗରିକ ମଞ୍ଚର ୩ୟ ବାର୍ଷିକ ସମ୍ମିଳନୀରେ ଅତିଥିମାନେ ଅନୁଷ୍ଠାନର ମୁଖପତ୍ର 'ପ୍ରବୁଦ୍ଧ ବାର୍ତ୍ତା' ଉନ୍ମୋଚନ କରୁଛନ୍ତି।

■ ବରିଷ୍ଠ ନାଗରିକ ମଞ୍ଚର ୩ୟ ବାର୍ଷିକ ସମ୍ମିଳନୀ

ଖୋର୍ଦ୍ଧା ଅଫିସ,୭।୨

ବରିଷ୍ଠ ନାଗରିକ ମଞ୍ଚର ୩ୟ ବାର୍ଷିକ ସମ୍ମିଳନୀ ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବକୁ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଉଦ୍‌ଘାଟନ କରିଥିଲେ। ଜିଲା ମୁଖ୍ୟଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଆର୍ତ୍ତବନ୍ଧୁ ନାୟକ, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଅନୁଷ୍ଠାନର ମୁଖପତ୍ର 'ପ୍ରବୁଦ୍ଧ ବାର୍ତ୍ତା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବିଧାୟକ ମିତ୍ର କହିଥିଲେ, ବରିଷ୍ଠ ନାଗରିକମାନେ ହେଉଛନ୍ତି ସମାଜର ପଥପ୍ରଦର୍ଶକ। ସେମାନଙ୍କ କାନ୍ଧରେ ପରିବାର ଓ ସମାଜର ଉତ୍ତରଦାୟିତ୍ୱ ରହିଛି। ବରିଷ୍ଠ ନାଗରିକଙ୍କୁ ଯଥୋଚିତ ସମ୍ମାନ ଦେବା ସମସ୍ତଙ୍କ ଦାୟିତ୍ୱ। ସେହିପରି ପୌରାଧ୍ୟକ୍ଷା ମହାନ୍ତି କହିଥିଲେ, ଶୃଙ୍ଖଳିତ ସମାଜ ଗଠନରେ ବରିଷ୍ଠ ନାଗରିକଙ୍କ ପ୍ରମୁଖ ଭୂମିକା ରହିଛି। ସଭାପତିତ୍ୱ ଭାଷଣରେ ବଳିୟାରସିଂ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ କହିଥିଲେ। ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ ପାଇଁ ବିଧାୟକ ଓ ପୌରାଧ୍ୟକ୍ଷାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଦେବୀ ପ୍ରସାଦ ମଜୁମଦାର, କିଶୋର ଚନ୍ଦ୍ର ପରମଗୁରୁ, ହାଜି ନସିମୁଦ୍ଦିନ୍ ଖାଁ, ପ୍ରଭାତ କୁମାର ମିଶ୍ର, ଉମାଶଙ୍କର ପ୍ରସାଦ, ଡ.ବୃନ୍ଦାବନ ପଣ୍ଡା, ବିପ୍ରଚରଣ ବେଉରା, ନୀଳାଦ୍ରି ଜଗଦ୍ଦେବ, ଡ. ପ୍ରମୋଦ ଚନ୍ଦ୍ର ଦାଶ, ସୁବାସ ଚନ୍ଦ୍ର ଚମ୍ପତି, ପ୍ରତାପ ମହାପାତ୍ର, ବଂଶୀଧର ଦାସ, ଗୋବିନ୍ଦ୍ର ଚନ୍ଦ୍ର ମହାପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ନାଗରିକଙ୍କ ପ୍ରତି ଜିଲା ପ୍ରଶାସନ ଏବଂ ପୋଲିସର ଉଦାସୀନ ମନୋଭାବ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଖୋର୍ଦ୍ଧା ପୌର ପରିଷଦର ପ୍ରତ୍ୟେକ ୱାର୍ଡରେ ଶାଖା କମିଟି ଗଠନ କରାଯିବ। ସ୍ଥାୟୀ କାର୍ଯ୍ୟାଳୟ ନ ହେବା ପର୍ଯ୍ୟନ୍ତ ମାସର ଶେଷ ତାରିଖରେ ସାଧାରଣ ପରିଷଦ ବୈଠକ ମୁକୁନ୍ଦପ୍ରସାଦ ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ କାର୍ଯ୍ୟାଳୟରେ ଆୟୋଜନ କରାଯିବ। ସମାଜର ବିଭିନ୍ନ ବର୍ଗର ବରିଷ୍ଠ ନାଗରିକଙ୍କୁ ସାମିଲ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ଡା. କାଳିପ୍ରସାଦ ମଙ୍ଗରାଜଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ରାମଶଙ୍କର ବାର୍ଷିକ ବିବରଣୀ ଓ କୋଷାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ମହାରଣା ଧନ୍ୟବାଦ ଦେଇଥିଲେ। ବିଧାନ ଚନ୍ଦ୍ର ମହାନ୍ତି, ବୈକୁଣ୍ଠ ନାଥ ରାଜଗୁରୁ, ଭୀମସେନ ପ୍ରଧାନ, ପ୍ରଫୁଲ୍ଲ ସାମନ୍ତରାୟ, ବୈକୁଣ୍ଠ ମହାପାତ୍ର, ବସନ୍ତ ଦାଶ, କୃଷ୍ଣଚନ୍ଦ୍ର ହରିଚନ୍ଦନ ପ୍ରମୁଖ ପରିଚାଳନା କରିଥିଲେ। ଅନୁଷ୍ଠାନର ଏକାଧିକ କର୍ମକର୍ତ୍ତା ଏଥିରେ ଯୋଗଦେଇଥିଲେ।

## ଜଳବାୟୁ ସହନଶୀଳ ଜୀବିକା ଅଭିବୃଦ୍ଧି ସମ୍ପର୍କିତ କର୍ମଶାଳା

କୃଷ୍ଣପ୍ରସାଦ,୭।୨(ଡି.ଏନ୍.ଏ.)

ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ପଞ୍ଚାୟତ ସମିତିର ବଡ଼ଅଁଳ ପଞ୍ଚାୟତ ପରିସରରେ ଜଳବାୟୁ ପରିବର୍ତ୍ତନ ଦିଗରେ ଉପକୂଳବର୍ତ୍ତୀ ଲୋକମାନଙ୍କର ଜଳବାୟୁ ସହନଶୀଳ ଜୀବିକା ଅଭିବୃଦ୍ଧି ସମ୍ପର୍କିତ କର୍ମଶାଳା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଏବଂ ହମାରା ବଚପନ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ କର୍ମଶାଳାକୁ ବଡ଼ଅଁଳ ସରପଞ୍ଚ ବୀଣାପାଣି ପ୍ରଧାନ ଉଦ୍‌ଘାଟନ କରିଥିଲେ। ଏକ୍ରିକ ପ୍ରକଳ୍ପର ଦଳପତି ଅଶୋକ କୁମାର ନାୟକ ପ୍ରକଳ୍ପ ବିଷୟରେ ପାୱାର ପଏଣ୍ଟ ମାଧ୍ୟମରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧର୍ମେନ୍ଦ୍ର ମଲ୍ଲିକ ମତ୍ସ୍ୟ ବୈଷୟିକ ସହାୟକ, ଆଶାଲତା ନାୟକ ପ୍ରାଣୀଧନ ନିରୀକ୍ଷକ, କ୍ଷିତିରଞ୍ଜନ ପ୍ରଧାନ ଉଦ୍ୟାନ ସମ୍ପ୍ରସାରଣ କର୍ମୀ, ବଡ଼ଅଁଳ ପଞ୍ଚାୟତ ଏମ୍‌ବିକେ ଅମ୍ବିକା ତରେଇ ପ୍ରମୁଖ ଯୋଗଦେଇ ଜଳବାୟୁ ଉପଯୋଗୀ ଓ ସହନଶୀଳ ଜୀବିକା କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ପଞ୍ଚାୟତସ୍ତରୀୟ ମହାସଙ୍ଘର ସଭାନେତ୍ରୀ ଓ ସମ୍ପାଦିକା ଅଂଶଗ୍ରହଣ କରିଥିଲେ। ଏକ୍ରିକ ପ୍ରକଳ୍ପର ଆଞ୍ଚଳିକ ସଂଯୋଜକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବୁଦ୍ଧ ନାରାୟଣ ଫୁଟ୍‌ବଲ ଟୁର୍ନାମେଣ୍ଟ: ନୀଳାଚଳ କ୍ଲବ ପୁରୀ ବିଜୟୀ

ଜଟଣୀ,୭।୨(ଡି.ଏନ୍.ଏ.)

ବୁଦ୍ଧନାରାୟଣ ସ୍ପୋର୍ଟ୍ସ ଆଣ୍ଡ କଲ୍‌ଚରାଲ ଆସୋସିଏଶନ ହରିପୁର ଦ୍ୱାରା ଆୟୋଜିତ ବୁଦ୍ଧ ନାରାୟଣ ଫୁଟ୍‌ବଲ ଟୁର୍ନାମେଣ୍ଟର ତୃତୀୟ ଲିଗ୍ ମ୍ୟାଚ ମଙ୍ଗଳବାର ନୀଳାଚଳ କ୍ଲବ ପୁରୀ ଓ ଟାଙ୍ଗୀ ଏଫ୍‌ସି ମଧ୍ୟରେ ହୋଇଥିଲା। ମ୍ୟାଚ୍ ଶେଷ ସୁଦ୍ଧା ଉଭୟ ଟିମ୍ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଫଳରେ ପେନାଲିଟି ଶୁଟ୍‌ଆଉଟ ହୋଇଥିଲା। ନୀଳାଚଳ କ୍ଲବ ୯-୮ ଗୋଲରେ ଟାଙ୍ଗୀକୁ ପରାସ୍ତ କରି ବିଜୟୀ ହୋଇଥିଲା। ବେଣୁଧର ମଙ୍ଗରାଜ, ରମେଶ ପାଇକରାୟ ଓ ରିଂକଲ ଚମ୍ପତି ମ୍ୟାଚ୍ ପରିଚାଳନା କରିଥିଲେ। ନୀଳାଚଳ କ୍ଲବର କାହ୍ନୁଚରଣଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଅତିଥିଭାବେ ତିରିମଲ ସରପଞ୍ଚ ପ୍ରସନ୍ନ ଛୋଟରାୟ, ଜଟଣୀ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ଅଧ୍ୟାପକ ବିଜୟ ପଣ୍ଡା, ଏନ୍. ସୀତା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବୁଧବାର ଫ୍ରେଣ୍ଡସ କ୍ଲବ କୁସୁମାଟି ଓ ପତିତପାବନ କ୍ଲବ ବ୍ରହ୍ମପୁର ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି।

# ନିର୍ଭୁଲ ସର୍ଭେ ଉପରେ ଗୁରୁତ୍ୱ

■ ଏକାଦଶ କୃଷି ଗଣନା ପାଇଁ ଜିଲାସ୍ତରୀୟ ତାଲିମ ଶିବିର

ଖୋର୍ଦ୍ଧା ଅଫିସ,୭।୨

ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଆନୁକୂଲ୍ୟରେ ଓଡ଼ିଶା ସରକାରଙ୍କ ଯୋଜନା ଓ ସଂଯୋଜନା ବିଭାଗ ତଥା ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ତତ୍ତ୍ୱାବଧାନରେ ଜିଲା ପ୍ରଶାସନ ପକ୍ଷରୁ ଏକାଦଶ କୃଷି ଗଣନା ପାଇଁ ଜିଲାସ୍ତରୀୟ ୩ ଦିନିଆ ତାଲିମ ଶିବିର ସ୍ଥାନୀୟ ଜୟୀ ରାଜଗୁରୁ ଭବନ(ଟାଉନ୍ ହଲ) ପରିସରରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଉଦ୍‌ଘାଟନ କରି ନିର୍ଭୁଲ୍ ଗଣନା ଉପରେ ଗୁରୁତ୍ୱ ଦେଇଥିଲେ। କୃଷି ଓ କୃଷକଙ୍କ ବିକାଶ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଗଣନାରେ ଯେପରି କୌଣସି ତ୍ରୁଟି ବିଚ୍ୟୁତି ହେବନାହିଁ ସେଥିପ୍ରତି ଦୃଷ୍ଟିଦେବାକୁ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରିଥିଲେ।

ଓଡ଼ିଶା ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ପ୍ରଭାତି ରାଣୀ ପ୍ରଧାନ କହିଥିଲେ, ସର୍ଭେ ସମୟରେ ଯେପରି କୌଣସି କୃଷକ ବଞ୍ଚିତ ରହି ନ ଯାଆନ୍ତୁ। ଠିକ୍ ମୂଲ୍ୟାଙ୍କନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ପୂର୍ବରୁ ବ୍ଲକସ୍ତରରେ ଏହି ଗଣନା କରାଯାଉଥିବା ବେଳେ ଏବେ ପଞ୍ଚାୟତସ୍ତର ପର୍ଯ୍ୟନ୍ତ ଏହା କରାଯିବ। ଜିଲାର ସମସ୍ତ ଗ୍ରାମରେ ଶତପ୍ରତିଶତ ଗଣନା କରାଯିବ, ସେଥିପ୍ରତି ଯତ୍ନବାନ୍ ହେବାକୁ କହିଥିଲେ। ଯୋଜନା ଓ ପରିସଂଖ୍ୟାନ ବିଭାଗ ଉପନିର୍ଦ୍ଦେଶକ ଶଙ୍କର୍ଷଣ ବେହେରା ଶିବିର ପରିଚାଳନା କରିଥିଲେ। କୃଷି ଗଣନାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରି କହିଥିଲେ, ଏକାଦଶ କୃଷି ଗଣନାରେ ଜିଲାର ଶତପ୍ରତିଶତ ଗ୍ରାମରେ ଡିଜିଟାଲ ଭାବେ ମୋବାଇଲ ଆପ୍, ଟାବ୍‌ଲେଟ ମାଧ୍ୟମରେ ସର୍ଭେ କରାଯିବ। ୩ଟି ପର୍ଯ୍ୟାୟରେ ଡାଟାବେସ୍ ପ୍ରସ୍ତୁତ କରାଯିବ। ଏହି ଗଣନା କାର୍ଯ୍ୟରେ ଜମିର ମାଲିକାନା, ଜମିର ଆକାର ପ୍ରକାର, ନାମମାତ୍ର ଚାଷୀ, ବୃହତ୍ ଚାଷୀ, ବ୍ୟକ୍ତିଗତ କୋଡ୍ ଆଦି ଉପରେ ତଥ୍ୟ ସଂଗ୍ରହ କରାଯିବ। ଏ ସମ୍ପର୍କରେ ବିଭାଗ ୱେବ୍ ପୋର୍ଟାଲରେ ମଧ୍ୟ ଅପଲୋଡ୍ କରାଯିବ। ଏହାକୁ ସୁବ୍ୟବସ୍ଥିତ କରିବା ପାଇଁ ଜିଲାର ପରିସଂଖ୍ୟାନ ବିଭାଗର କ୍ଷେତ୍ର ପରିଚାଳକ, ନିରୀକ୍ଷକ, କୃଷି ବିଭାଗର ଗ୍ରାମ କୃଷି କର୍ମଚାରୀ ଓ ରାଜସ୍ୱ ବିଭାଗର ଅମିନ, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ପ୍ରମୁଖ ସାମିଲ ହୋଇଛନ୍ତି। ସୁବାସ ଚନ୍ଦ୍ର ପୃଷ୍ଟି, ମୃଣାଳିନୀ ପଟ୍ଟନାୟକ, ପ୍ରମୋଦ ମହାନ୍ତି, ଡ୍ୟୁଟି ସ୍ମୃତି ସ୍ୱାଇଁ ଉପସ୍ଥିତ ଥିଲେ।



ଶିବିରରେ ଜିଲାପାଳଙ୍କ ସହ ଅନ୍ୟମାନେ।

# ୧୦ରୁ ବାତଜ୍ୱର ନିରାକରଣ ଔଷଧ ସେବନ ଆରମ୍ଭ

■ ୨୫ ଲକ୍ଷ ଖାଇବେ ବଟିକା

■ ୨ ବର୍ଷରୁ କମ୍ ଶିଶୁ, ଗର୍ଭବତୀ, ଗୁରୁତର ରୋଗୀଙ୍କୁ ବାରଣ

ଖୋର୍ଦ୍ଧା ଅଫିସ, ୭।୨

ବାତଜ୍ୱର(ଫାଇଲେରିଆ) ନିରାକରଣ ଲାଗି ସରକାର ଗୁରୁତ୍ୱ ଦେଉଛନ୍ତି। ଖୋର୍ଦ୍ଧା ଜିଲା ସ୍ୱାସ୍ଥ୍ୟ ସମିତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଆସନ୍ତା ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ବାତଜ୍ୱର ନିରାକରଣ ପାଇଁ ସାମୂହିକ ଔଷଧ ସେବନ(ଏମ୍‌ଡିଏ) କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୧୦ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁଥିବା ଏହି କାର୍ଯ୍ୟକ୍ରମ ଖୋର୍ଦ୍ଧା ଗ୍ରାମାଞ୍ଚଳ ସମେତ ଭୁବନେଶ୍ୱର ମହାନଗର ନିଗମ, ଖୋର୍ଦ୍ଧା, ଜଟଣୀ, ବାଲୁଗାଁ ଓ ବାଣପୁର ଏନ୍‌ଏସିରେ କରାଯିବ। ଏଥିପାଇଁ ୭୯୮୩ ଡ୍ରଗ୍ ଆଡ୍‌ମିନିଷ୍ଟ୍ରେଟର(ଡିଏ) ନିୟୋଜିତ ହେବେ। ପ୍ରତ୍ୟେକ ଡ୍ରଗ୍ ଆଡ୍‌ମିନିଷ୍ଟ୍ରେଟର ୫୦ରୁ ୬୦ ଘର ବୁଲିବେ। ଏମାନଙ୍କ କାର୍ଯ୍ୟ ତଦାରଖ ପାଇଁ ୭୯୧ ସୁପରଭାଇଜର ନିୟୋଜିତ ହେବେ ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗର ଜିଲା ପ୍ରଶିକ୍ଷଣ କେନ୍ଦ୍ର(ଡିଟିୟୁ)ରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟାଧିକାରୀ(ସିଡିଏମ୍ ଆଣ୍ଡ ପିଏଚ୍‌ଓ) ଡା. ଆର୍ତ୍ତବନ୍ଧୁ ନାୟକ ଏହି ସୂଚନା ଦେଇଛନ୍ତି।

ଡା. ନାୟକ ଆହୁରି କହିଥିଲେ ଯେ, ଏହି ଅଭିଯାନରେ ଆଶା, ଅଙ୍ଗନୱାଡି, ସ୍ୱାସ୍ଥ୍ୟକର୍ମୀ, ସ୍ୱେଚ୍ଛାସେବୀମାନଙ୍କୁ ଡ୍ରଗ୍ ଆଡ୍‌ମିନିଷ୍ଟ୍ରେଟର ଭାବେ ନିଆଯାଇଛି। ଏମାନେ ଘର ଘର ବୁଲି ନିର୍ଦ୍ଧାରିତ ସମୟ ମଧ୍ୟରେ ଡିଇସି ଓ ଆଲ୍‌ବେଣ୍ଡାଜେଲ ବଟିକା ଖାଇବାକୁ ଦେବେ। ଏହି ଔଷଧ ସମ୍ପୂର୍ଣ୍ଣ ନିରାପଦ। ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ଏହାକୁ ଖାଇବା ଦ୍ୱାରା ମୁଣ୍ଡ ବୁଲାଇହେବା କିମ୍ବା ବାନ୍ତିହେବା ନେଇ ଲୋକଙ୍କ ମଧ୍ୟରେ ରହିଥିବା ଧାରଣା ସମ୍ପୂର୍ଣ୍ଣ ଭୂଲ୍। ଏହି ଔଷଧ ୨ ବର୍ଷରୁ କମ୍ ପିଲା, ଗର୍ଭବତୀ ମହିଳା ତଥା ଗୁରୁତର ଅସୁସ୍ଥ ବ୍ୟକ୍ତିଙ୍କୁ ଖାଇବାକୁ ବାରଣ କରାଯାଇଛି। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲାରେ ୨୫ ଲକ୍ଷ ସର୍ବସାଧାରଣଙ୍କୁ ଏହି ବଟିକା ଖୁଆଯିବ। ଏଥିଲାଗି ପ୍ରାୟ ୬୦ ଲକ୍ଷ ଡିଇସି ଓ ୨୫ ଲକ୍ଷ ଆଲ୍‌ବେଣ୍ଡାଜେଲ ବଟିକା ଯୋଗାଇ ଦିଆଯିବ। ନିର୍ଦ୍ଧାରିତ ତାରିଖରେ ଜିଲାରେ ଶତପ୍ରତିଶତ ସଫଳତା ହାସଲ ଲାଗି ଯୋଜନା ରହିଛି। ଏଥିପାଇଁ ପୂର୍ବରୁ ଏଥିରେ ନିୟୋଜିତ ରହିଥିବା ଡିଏମାନଙ୍କୁ ତାଲିମ ଦିଆଯାଇଛି ବୋଲି କହିଥିଲେ। ସମସ୍ତ ଜନସାଧାରଣ ଏହି ବଟିକା ଖାଇବାକୁ ନାୟକ ନିବେଦନ କରିଛନ୍ତି। ଏଡିପିଏଚ୍‌ଓ(ଭିବିଡି) ଡା. ଜୀବନ୍ତ ଆଚାର୍ଯ୍ୟ କହିଥିଲେ, ଜିଲାରେ ୨୫,୦୨,୧୬୬ ଜନସଂଖ୍ୟା ମଧ୍ୟରୁ ୨୩,୯୪,୫୭୪ ଜଣଙ୍କୁ ଏହି ବଟିକା ଦିଆଯିବ। ଏଥିପାଇଁ ୬୭ ରାପିଡ୍ ରେସ୍‌ପନ୍ସ ଟିମ୍(ଆର୍‌ଆର୍‌ଟି), ୧୦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୪୬ ସେକ୍ଟର, ୩୬ଟି କେନ୍ଦ୍ର(ଖୋର୍ଦ୍ଧା ଗ୍ରାମାଞ୍ଚଳ ୧୪ ଓ ବିଏମ୍‌ସିରେ ୨୨), ୧୬୮ ପଞ୍ଚାୟତର ୧୫୬୨ ଗ୍ରାମରେ ଏହି ବଟିକା ଜନସାଧାରଣଙ୍କୁ ଖାଇବାକୁ ଦିଆଯିବ। ସମସ୍ତ ଜନସାଧାରଣ ଡିଏମାନଙ୍କ ଉପସ୍ଥିତିରେ ଖାଇବାକୁ ପରାମର୍ଶ ଦେଇଛନ୍ତି ଆଚାର୍ଯ୍ୟ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡା. ବିଶ୍ୱମୋହନ ମିଶ୍ର, ଡିପିଏଚ୍‌ଓ ଡା. ପ୍ରଶାନ୍ତ କୁମାର ଦାଶ, ଏଡିପିଏଚ୍‌ଓ ଡା. ନନ୍ଦିତା ଗୁପ୍ତା, ରାଜ୍ୟ ସଂଯୋଜକ ଡା. ବି.ପି. ଗୁପ୍ତା, ପ୍ରସନ୍ନ ମହାପାତ୍ର, ଡିପିଏମ୍ ପ୍ରକାଶ ଚନ୍ଦ୍ର ବାନାର୍ଜୀ, ସ୍ମିତିରଞ୍ଜନ ରାଉତ, ମେଡିକାଲ ମ୍ୟାନେଜର ବିନାୟକ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅଧିକାରୀ ସୂଚନା ଦେଉଛନ୍ତି।




୭।୨।୨୦୨୩

| ୩,୬୯,୫୯୦ ଟଙ୍କା | |
|---|---|
| ସୁନା | ୨.୬୫୦ ଗ୍ରାମ୍ |
| ରୁପା | ୧୯.୬୮୦ ଗ୍ରାମ୍ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଖଣ୍ଡଗିରି ମେଳା, ଖଣ୍ଡଗିରି, ଅପରାହ୍ନ ୨ଟା।
- ତୋଷାଳି ମେଳା, ଜନତା ମଇଦାନ, ଅପରାହ୍ନ ୨ଟା।
- ଜାତୀୟ କୀଟନାଶକ ଦିବସ, ସମ୍ମିଳନୀ କକ୍ଷ, ଡାଇରେକ୍ଟରେଟ୍ ଅଫ୍ ଫ୍ୟାମିଲି ୱେଲ୍ ଫେୟାର, ଅପରାହ୍ନ ୩ଟା ୩୦।
- ରାଷ୍ଟ୍ରୀୟ ଯୁବା ସଂଗଠନ ପକ୍ଷରୁ ଆଲୋଚନା ସଭା, ଲୋହିଆ ଏକାଡେମୀ, ଅପରାହ୍ନ ୫ଟା।
- ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଓଡ଼ିଶୀ ଆସର, ଉତ୍କଳ ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା ୩୦।
- ସୁଷମା ସଙ୍ଗୀତ ସଦନ ପକ୍ଷରୁ 'ୟେ ଶାମ୍ ରାଫି କେ ନାମ୍' ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା

- ଶ୍ରୀ ବକ୍ରେଶ୍ୱର ଉଚ୍ଚ ବିଦ୍ୟାଳୟ ୧୯୭୧ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ, ମା'ଉତ୍ତରମୁଖୀ ମନ୍ଦିର ଭୁବନପୁର, ପୂର୍ବାହ୍ନ ୧୧ଟା।
- ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ, ଦୁର୍ଗାପୂଜା ମଣ୍ଡପ ଭିଙ୍ଗାରପୁର, ସନ୍ଧ୍ୟା ୭ଟା ୩୦।

କଟକ

- ଯୋଗ ବେଦାନ୍ତ ସେବା ସମିତି ପକ୍ଷରୁ ସାମୂହିକ ଭବ୍ୟ ମାତୃପିତୃ ପୂଜନ ଉତ୍ସବ, କାମେଶ୍ୱର ମନ୍ଦିର ପରିସର, ଚାଉଳିଆଗଞ୍ଜ, ସନ୍ଧ୍ୟା ୭ଟା।

# ମଥୁରାରୁ ଚାଲିଥିଲା ଠକେଇ କାରବାର

## ପୁରୀ ଭକ୍ତନିବାସ ନାଁରେ ଫେକ୍ ୱେବ୍‌ସାଇଟ୍

- କେନ୍ଦୁଝର, ଭଦ୍ରକରୁ ଧରାପଡ଼ିଲେ ୨ ଅଭିଯୁକ୍ତ
- ୫ ମୋବାଇଲ, ୩୧ ସିମ୍ ଜବତ

ପୁରୀ ଅଫିସ,୭।୨

ସାଇବର ଠକେଇକୁ ନେଇ ଏବେ ଆକ୍ସନ ମୁଡ୍‌ରେ ପୁରୀ ପୋଲିସ। ଲୋକଙ୍କୁ ସଚେତନ କରାଇବା ସହ ସାଇବର ଠକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ରହିଥିବା ପୁରୀ ନୀଳାଚଳ ଭକ୍ତନିବାସ ନାମରେ ଫେକ୍ ୱେବ୍‌ସାଇଟ୍ କରି ଲୋକଙ୍କୁ ଠକିବା ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କେନ୍ଦୁଝର ଜିଲା ଆଗରପଡ଼ା ଚନ୍ଦନ ସିଂହ (୨୭) ଏବଂ ଭଦ୍ରକ ଜିଲାର ଗୌତମ ସାହୁ (୩୯)। ପୋଲିସ ସେମାନଙ୍କଠାରୁ ୫ଟି ବିଭିନ୍ନ କମ୍ପାନୀର ମୋବାଇଲ ଫୋନ ଜବତ କରିଥିବା ବେଳେ ୩୧ଟି ମୋବାଇଲ ସିମ୍ ଜବତ କରିଛି। ସେହିପରି ଗୋଟିଏ ବାୟୋମାଟ୍ରିକ୍ ଡିଭାଇସ୍ ଜବତ କରିଛି। ଏ ନେଇ ପୋଲିସ ନଂ.୨୬।୨୨ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ତେବେ ଏହି ସାଇବର ଠକେଇ ଉତ୍ତରପ୍ରଦେଶର ମଥୁରାରୁ କାରବାର ହେଉଥିଲା ବୋଲି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ମିହିର ପଣ୍ଡା ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଗତ ନଭେମ୍ବର ୨୪ରେ ଶ୍ରୀମନ୍ଦିର ପ୍ରଶାସନର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା ସାଇବର ଥାନାରେ ଅଭିଯୋଗ କରିଥିଲେ ଯେ, ନୀଳାଚଳ ଭକ୍ତନିବାସ ନାମରେ ଫେକ୍ ବୁକିଂ କରାଯାଇ ଭକ୍ତଙ୍କଠାରୁ ଟଙ୍କା ଲୁଟ୍ କରାଯାଇଛି। ଉକ୍ତ ଅଭିଯୋଗକୁ ଆଧାର କରି ପୋଲିସ ପକ୍ଷରୁ ତଦନ୍ତ କରାଯାଇଥିଲା। ତଦନ୍ତ ବେଳେ କେତେଜଣ ଦୁର୍ବୃତ୍ତ ନୀଳାଚଳ ଭକ୍ତନିବାସ ନାମରେ ଏକ ଫେକ୍ ସାଇଡ କରି ଲୁଟ୍ କରୁଥିବା ଜଣାପଡିଥିଲା। ତେବେ ଯେଉଁ ଆକାଉଣ୍ଟରୁ ଟଙ୍କା ଲୁଟ୍ ହୋଇଥିଲା ତାହା ଉତ୍ତର ପ୍ରଦେଶର ମଥୁରା ଅଞ୍ଚଳର ବୋଲି ଜଣାପଡିଥିଲା। ଏପରିକି ଯେଉଁ ସିମ୍ ସାହାଯ୍ୟରେ ଏହି ଠକେଇ ହେଉଥିଲା, ସେହି ସିମ୍‌କୁ କେନ୍ଦୁଝର ଜିଲାର ଚନ୍ଦନ ଦେଇଥିଲେ। ଏହାପରେ ସାଇବର ପୋଲିସର ଏକ ଟିମ୍ କେନ୍ଦୁଝର ଯାଇ ଚନ୍ଦନକୁ ଗିରଫ କରିଥିଲେ। ସେଠାରେ ତାଙ୍କୁ ପଚରାଉଚରା କରି ଠକେଇରେ ସମ୍ପୃକ୍ତ ଗୌତମଙ୍କୁ ମଧ୍ୟ ଗିରଫ କରି ପୁରୀ ଆଣିଥିଲେ। ଉଭୟଙ୍କୁ ପଚାରିବା ବେଳେ ଚନ୍ଦନ ଏକ ମୋବାଇଲ କମ୍ପାନୀରେ କାର୍ଯ୍ୟ କରିବା ସହ ଗୋଟିଏ ମୋବାଇଲ ଦୋକାନ ମଧ୍ୟ କରିଛନ୍ତି। ନିଜ ଦୋକାନରେ ସିମ୍‌ଗୁଡିକୁ ଅନ୍ୟ ଲୋକଙ୍କ ନାମରେ ଆକ୍ଟିଭ କରି ଭଦ୍ରକର ଗୌତମଙ୍କୁ ଦେଉଥିଲେ। ପରେ ଉକ୍ତ ସିମ୍‌ଗୁଡିକୁ ଗୌତମ ରାଜସ୍ଥାନର ହଲବର ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଦେଉଥିଲେ। ସେଠାରୁ ସିମ୍ ବିଭିନ୍ନ ମାଧ୍ୟମରେ ଅଲଗା ସ୍ଥାନକୁ ଯାଉଥିଲା। ଏପରିକି ମଥୁରାକୁ ମଧ୍ୟ ଉକ୍ତ ସିମ୍ ଯାଇଥିଲା। ସେଠାରେ ଏଭଳି ଆପରାଧିକ ସାଇବର ଠକେଇ କାର୍ଯ୍ୟ ହେଉଥିଲା।

ଅନ୍ୟପଟେ ଗୌତମ ଏପରି ସାଇବର କ୍ରାଇମ ଘଟଣାରେ ଦିଲ୍ଲୀ ପୋଲିସ ଦ୍ୱାରା ଗିରଫ ହୋଇ ଗତ ଅକ୍ଟୋବରରେ ଜେଲ ଯାଇଥିଲା। ଉକ୍ତ ଘଟଣାରେ ଅନ୍ୟମାନଙ୍କର ସମ୍ପୃକ୍ତି ରହିଛି। ତେବେ ଘଟଣାର ତଦନ୍ତ ଚାଲିଥିବାରୁ ନାମ କହିବା ଠିକ୍ ହେବ ନାହିଁ ବୋଲି ଅତିରିକ୍ତ ଏସ୍‌ପି ପଣ୍ଡା କହିବା ସହ ତଦନ୍ତ ସରିବା ପରେ ସମସ୍ତ ତଥ୍ୟ ଲୋକଲୋଚନକୁ ଆସିବ ବୋଲି କହିଥିଲେ। ସେହିପରି ଭକ୍ତନିବାସ ନାମରେ ଠକାମିର ଶିକାର ହୋଇଥିବା ଭକ୍ତମାନେ ପୁରୀ ପୋଲିସ ପାଖରେ ଉପଯୁକ୍ତ ପ୍ରମାଣ ଦେଖାଇ ସେମାନଙ୍କ ଅର୍ଥରାଶି ଫେରିପାଇବେ ବୋଲି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ ଜେନା ସୂଚନା ଦେଇଛନ୍ତି।






ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ମିହିର ପଣ୍ଡା ସୂଚନା ଦେଉଛନ୍ତି। ଜବତ ସାମଗ୍ରୀ

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା 'ରମାଦେବୀ ପ୍ରେକ୍ଷାଳୟ' ଉଦ୍‌ଘାଟିତ

ଭୁବନେଶ୍ୱର, ୭।୨(ବ୍ୟୁରୋ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ନବନିର୍ମିତ ଅତ୍ୟାଧୁନିକ 'ରମାଦେବୀ ପ୍ରେକ୍ଷାଳୟ'କୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟ ସମ୍ପର୍କରେ ଏକ ସଂକ୍ଷିପ୍ତ ଭିଡିଓ ଚିତ୍ର ପ୍ରଦର୍ଶିତ ହୋଇଥିଲା। ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ, ୫-ଟି ସଚିବ ଭି.କେ. ପାଣ୍ଡିଆନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳସଚିବ ଶ୍ୟାମଳୀ ମହାପାତ୍ର, ପିଜି କାଉନସିଲ ଚେୟାରମ୍ୟାନ ଚଣ୍ଡୀ ଚରଣ ରଥ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ପ୍ରେକ୍ଷାଳୟରେ ଏକ ହଜାର ସିଟ୍ ରହିଛି। ଏହା ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ଏବଂ ଏହାର ଶବ୍ଦ ଓ ଆଲୋକ ବ୍ୟବସ୍ଥା ଅତ୍ୟାଧୁନିକ। ଏଥିରେ ବହୁମୁଖୀ ପରିସର, ଭିଆଇପି କୋଠରି, ସବୁଜ ଗୃହ, ଭିନ୍ନକ୍ଷମ ସହାୟକ ବ୍ୟବସ୍ଥା ଆଦି ରହିଛି। ୧୮କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରେକ୍ଷାଳୟ ରୁଷା ଓ ରାଜ୍ୟ ସରକାରଙ୍କ ଅନୁଦାନରେ ନିର୍ମାଣ କରାଯାଇଛି।



ପୁଣେରେ ମଙ୍ଗଳବାର ଆୟୋଜିତ ସୂର୍ଯ୍ୟୋଦତ୍ତ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନର ୨୫ତମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ବିଶିଷ୍ଟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କୁ ସୂର୍ଯ୍ୟୋଦତ୍ତ ନ୍ୟାଶନାଲ ଆୱାର୍ଡ ପ୍ରଦାନ କରାଯାଉଛି।

# ଚିକିତ୍ସା ପାଇଁ ଦିଲ୍ଲୀ ଗଲେ ପିଣ୍ଟୁ ନନ୍ଦ

ଭୁବନେଶ୍ୱର,୭।୨ (ବ୍ୟୁରୋ)

ଲିଭର ସିରୋସିସରେ ଆକ୍ରାନ୍ତ ଅଭିନେତା ପିଣ୍ଟୁ ନନ୍ଦ ଅଧିକ ଚିକିତ୍ସା ପାଇଁ ମଙ୍ଗଳବାର ଦିଲ୍ଲୀ ଯାଇଛନ୍ତି। ସେଠାରେ ଇନ୍‌ଷ୍ଟିଚ୍ୟୁଟ ଅଫ ଲିଭର ଆଣ୍ଡ ବିଲିଆରି ସାଇନ୍‌ସେସ୍(ଆଇଏଲ୍‌ବିଏସ୍) ହସ୍ପିଟାଲରେ ତାଙ୍କର ଯକୃତ ପତିରୋପଣ କରାଯିବ। ଏନେଇ ବୁଧବାର ଦୁଇ ଡୋନର ଦିଲ୍ଲୀ ଯିବେ। ସେଠାରେ ପରୀକ୍ଷାନିରୀକ୍ଷା ପରେ ଲିଭର ପ୍ରତିରୋପଣ କରାଯିବ। ତାଙ୍କର ଚିକିତ୍ସା ପାଇଁ ଅନେକ ସହଯୋଗର ହାତ ବଢ଼ାଇଥିବାବେଳେ ଅଭିନେତା ଅର୍ଦ୍ଧେନ୍ଦୁ ଦାସ ପିଣ୍ଟୁଙ୍କ ଚିକିତ୍ସା ପାଇଁ ୧୦ ଲକ୍ଷ ଟଙ୍କା ସହାୟତା କରିଛନ୍ତି। ଏହା ସହିତ ଯାତ୍ରା ଅଭିନେତ୍ରୀ ରାଣୀ ପ୍ରିୟଦର୍ଶିନୀ ସାହୁ ପିଣ୍ଟୁଙ୍କ ପାଇଁ ପାଣ୍ଠି ସଂଗ୍ରହ କରିଛନ୍ତି। ବର୍ତ୍ତମାନ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ବରିଷ୍ଠ ଅଭିନେତା ଶ୍ରୀତମ ଦାସ ସୂଚନା ଦେଇଛନ୍ତି। ଅନ୍ୟପଟେ ଦିଲ୍ଲୀରେ ପିଣ୍ଟୁଙ୍କ ଚିକିତ୍ସା କ୍ଷେତ୍ରରେ ଆନୁସଙ୍ଗିକ ବନ୍ଦୋବସ୍ତ ଏମ୍‌ପି ଅନୁଭବ ମହାନ୍ତି କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ପିଣ୍ଟୁଙ୍କୁ ଏମ୍‌ପି ଅନୁଭବ ଆର୍ଥିକ ସହାୟତା ମଧ୍ୟ କରିଥିବା କୁହାଯାଉଛି। ଏହାସହିତ ନିଜେ ପିଣ୍ଟୁ ଏବଂ ତାଙ୍କର ପରିବାର ସହାୟତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହାବ୍ୟତିତ ସିନେ କଳାକକାର ସଂଘ ସମସ୍ତ ସହାୟତା କରିବାକୁ ପ୍ରତିଶ୍ରୁତି ଦେଇଛି।

ମଙ୍ଗଳବାର ସକାଳ ୭ଟାରେ ପିଣ୍ଟୁ ବିମାନ ବନ୍ଦର ବାହାରିଥିଲେ। ଶୁଭେଚ୍ଛୁ ଓ ସାଥି କଳାକାର ତାଙ୍କ ସହିତ ଥିବାବେଳେ ୯ଟା ୪୫ରେ ଦିଲ୍ଲୀ ଅଭିମୁଖେ ବିମାନ ଛାଡ଼ିଥିଲା। ଏହି ଅବସରରେ ସେ ରାଜ୍ୟବାସୀଙ୍କ ଆର୍ଶିବାଦ ଲୋଡ଼ିଥିଲେ ଏବଂ ସହାୟତା ପାଇଁ ସାଧୁବାଦ ମଧ୍ୟ ଜଣାଇଥିଲେ। ତେବେ ଯକୃତ ପ୍ରତିରୋପଣ ବ୍ୟୟବହୁଳ ହୋଇଥିବାବେଳେ ସହାୟତା ପାଇଁ ଶୁଭେଚ୍ଛୁ ଓ କଳାକାରମାନେ ସହଯୋଗର ହାତ ବଢ଼ାଇଛନ୍ତି। ତେବେ ୩ମାସର ଚିକିତ୍ସା ଅବଧିରେ ୫୦ଲକ୍ଷରୁ ଅଧିକ ଟଙ୍କାର ଆବଶ୍ୟକତା ରହିଥିବାବେଳେ ସମ୍ପୂର୍ଣ୍ଣ ଅର୍ଥର ବେନ୍ଦାବସ୍ତ ହୋଇପାରି ନାହିଁ। ଯାତ୍ରା, ସିରିଏଲ, ଚଳଚ୍ଚିତ୍ର ଜଗତକୁ ବାଦ ଦେଲେ ବିଭିନ୍ନ ସାମାଜିକ ଅନୁଷ୍ଠାନ ମଧ୍ୟ ପିଣ୍ଟୁଙ୍କ ପାଣ୍ଠି ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି।

## ବଢ଼ୁଛି ସହାନୁଭୂତିର ହାତ



# ସଭାରେ ମହିଳାଙ୍କୁ ଉଲଗ୍ନ ଉଦ୍ୟମ

## ପେସାଦାର ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୭।୨(ବ୍ୟୁରୋ)

ସଭାରେ ମହିଳାଙ୍କୁ ଅସଦାଚରଣ ଓ ଉଲଗ୍ନ ଉଦ୍ୟମ କରିବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଜଣେ ପେସାଦାର ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଲୁମ୍ବିନୀ ବିହାର ମା'ମଙ୍ଗଳା ବସ୍ତିରେ ରହୁଥିବା ଯାଜପୁରର ଟୁଟୁ ଓରଫ୍ ପ୍ରଭାତ କୁମାର ସେଠୀ (୩୭)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୂର୍ବରୁ ତାଙ୍କ ନାମରେ ଚନ୍ଦ୍ରଶେଖରପୁର ଥାନାରେ ୧୭ଟି ଆପରାଧିକ ମାମଲା ଥିବାବେଳେ ସେ ଉକ୍ତ ଅଞ୍ଚଳରେ ସରକାରୀ ଜମିକୁ ଜୋରଜବରଦସ୍ତ ଦଖଲ କରି ଲକ୍ଷ ଲକ୍ଷ ଟଙ୍କାରେ ବିକ୍ରି କରୁଥିବା ପୋଲିସ ଜାଣିବାକୁ ପାଇଛି ।

ସୂଚନାନୁସାରେ, ମାମଲା ରୁଜୁ ହେବାର ୬ମାସ ପୂର୍ବରୁ ଅଭିଯୋଗକାରିଣୀ ମା' ମଙ୍ଗଳା ବସ୍ତିରେ ଗୋଟିଏ ସରକାରୀ ପ୍ଲଟରେ ରହି ଆସୁଥିଲେ। ଅଭିଯୁକ୍ତ ପ୍ରଭାତ ଉକ୍ତ ପ୍ଲଟକୁ ସାଢେ ୨ଲକ୍ଷ ଟଙ୍କାରେ ଭୟ ଦେଖାଇ ମହିଳାଙ୍କୁ ବିକ୍ରି କରିଥିଲେ। ପରେ ପ୍ରଭାତ ଜଳ ଯୋଗାଣ ବାବଦକୁ ୭ ହଜାର, ସ୍ୱେରେଜ ଚାମ୍ବର ନଳା ପାଇପ୍ ପାଇଁ ୧୦ ହଜାର, ବିଦ୍ୟୁତ ସଂଯୋଗ ଲାଗି ୨୫୦ ଟଙ୍କା ଏବଂ ନିରାପତ୍ତା ଯୋଗାଇଦେବାକୁ ୨୦୦ ଟଙ୍କା ଲେଖାଏ ବଟି ପ୍ରତି ମାସରେ ମହିଳାଙ୍କଠାରୁ ନେଉଥିଲେ। କିନ୍ତୁ ମହିଳା ଜଣକ ଏହାକୁ ବିରୋଧ କରି ଅକ୍ଟୋବର ୩୧ରେ ନୂଆ ବିଦ୍ୟୁତ ସଂଯୋଗ ପାଇଁ ଟିପିସିଓଡିଏଲ୍‌ରେ ଆବେଦନ କରିଥିଲେ। ଏହି ଘଟଣାକୁ କେନ୍ଦ୍ର କରି କିଛି ବସ୍ତି ବାସିନ୍ଦାଙ୍କ ନେତୃତ୍ୱରେ ପ୍ରଭାତ ସେହି ମହିଳାଙ୍କୁ ନେଇ ସଭା ବସାଇଥିଲେ। ପ୍ରଭାତ ସଭାରେ ସମ୍ପୃକ୍ତ ମହିଳାଙ୍କୁ ଅସଦାଚରଣ କରିବା ସହ ବଳପୂର୍ବକ ଉଲଗ୍ନ କରିବା ପାଇଁ ଉଦ୍ୟମ କରିଥିଲେ।

# ପଶ୍ଚିମବଙ୍ଗରେ ରିଗ୍ ମେଶିନ ଲାଗିଲା

## ଗୋପରେ ତୈଳ ସନ୍ଧାନ ମିଳିବା ପ୍ରସଙ୍ଗ

- ଦ୍ୱିତୀୟ ପର୍ଯ୍ୟାୟରେ ଖନନ ହେବ ୨୨୫୦ ମିଟର
- ଖନନରୁ ବାହାରୁଥିବା ପାଣି, ମାଟି ଅସ୍ଥାୟୀ ପୋଖରୀରେ ରହିବ

ଗୋପ,୭।୨(ଡି.ଏନ୍.ଏ.)

ପୁରୀ ଜିଲା ଗୋପ ବ୍ଲକ ଅଞ୍ଚଳରେ ଅଏଲ ଇଣ୍ଡିଆ କମ୍ପାନୀ ପକ୍ଷରୁ ଚାଲିଥିବା ତୈଳ ସନ୍ଧାନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ୫୦ରୁ ଉର୍ଦ୍ଧ୍ୱ ଅତ୍ୟାଧୁନିକ ମେଶିନ ଲଗାଯାଇଥିବା ବେଳେ ଖନନ କାର୍ଯ୍ୟ ପାଇଁ ପଶ୍ଚିମବଙ୍ଗରୁ ଆସିଥିବା ରିଗ୍ ମେଶିନ ମଧ୍ୟ ମଙ୍ଗଳବାର ବସାଯାଇଛି। ପ୍ରଥମ ପର୍ଯ୍ୟାୟରେ ୩୦ ମିଟର ବୋରିଂ କାର୍ଯ୍ୟ ସରିଥିବାବେଳେ ଷ୍ଟ୍ରକ୍ଚର କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ସପ୍ତାହ ପରେ ଦ୍ୱିତୀୟ ପର୍ଯ୍ୟାୟରେ ୨୨୫୦ ମିଟର ବୋରିଂ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ତେବେ ବୋରିଂ ପରେ ବାହାରିବା ମାଟିପାଣି ଓ କାଦୁଅ ଅସ୍ଥାୟୀ ପୋଖରୀରେ ରଖାଯିବାର ବ୍ୟବସ୍ଥା କରାଯାଇଛି। ଏହି ସବୁ ପଦାର୍ଥଗୁଡିକୁ ପରୀକ୍ଷା ନିରୀକ୍ଷା କରାଯିବା ପରେ ରି-ଫାଇନ ପ୍ରକ୍ରିୟା କରାଯିବ ବୋଲି ଅଏଲ ଇଣ୍ଡିଆ କମ୍ପାନୀ ପକ୍ଷରୁ ସୂଚନା ମିଳିଛି।

ପ୍ରକାଶ ଯେ, ଗୋପ ବ୍ଲକ ଅନ୍ତର୍ଗତ କୁଶୁପୁରୁ ମୌଜାରେ ଏବେ ଅଏଲ ଇଣ୍ଡିଆ କମ୍ପାନୀ ପକ୍ଷରୁ ପ୍ରାକୃତିକ ଗ୍ୟାସ ସହିତ ପେଟ୍ରୋଲ, ଡିଜେଲ ଥିବା ସୂଚନା ସାଟେଲାଇଟ ଚିତ୍ର ମାଧ୍ୟମରେ ଆସିବା ପରେ କମ୍ପାନୀ କୁଶୁପୁରୁ ମୌଜାର ୩୭ଜଣ ଚାଷୀଙ୍କୁ ୯୭ ଲକ୍ଷ ଟଙ୍କା ଦେଇ ୩ ବର୍ଷ ଲାଗି ଲିଜ ସୂତ୍ରରେ ନେଇ ଖନନ କାର୍ଯ୍ୟ ଆରମ୍ଭ ହୋଇଥିଲା। କାର୍ଯ୍ୟ ଆରମ୍ଭର ପ୍ରଥମ ପର୍ଯ୍ୟାୟରେ ୩୦ ମିଟର ବୋରିଂ କରାଯାଇଥିଲା। ଦେଶ ବିଦେଶରୁ ୫୦ରୁ ଉର୍ଦ୍ଧ୍ୱ ଅତ୍ୟାଧୁନିକ ମେଶିନ ଅଣାଯାଇଥିବା ବେଳେ ବୋରିଂ କାର୍ଯ୍ୟ କରିବାରେ ମୁଖ୍ୟ ମେଶିନ କୁହାଯାଉଥିବା ରିଗ ମେଶିନ ମଧ୍ୟ ଲଗାଇ ଦିଆଯାଇଛି। ତେବେ ଅଏଲ ଇଣ୍ଡିଆ କମ୍ପାନୀ ପକ୍ଷରୁ ମୋଟ ୩ ହଜାର ମିଟର ବୋରିଂ ପ୍ରକ୍ରିୟା କରାଯିବ ବୋଲି ସୂଚନା ମିଳିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୩୦ ମିଟର ବୋରିଂ ସରିଥିବା ବେଳେ ଦ୍ୱିତୀୟରେ ୨୨୫୦ ମିଟର ଓ ତୃତୀୟ ପର୍ଯ୍ୟାୟ ବାକିଥିବା ୭୨୦ ମିଟର ବୋରିଂ ପ୍ରକ୍ରିୟା ଆରମ୍ଭ କରାଯିବ। ଏହି କାର୍ଯ୍ୟ ପାଇଁ ୩୫ରୁ ଉର୍ଦ୍ଧ୍ୱ ଇଞ୍ଜିନିୟର,୨୦ରୁ ଉର୍ଦ୍ଧ୍ୱ କର୍ମଚାରୀ ନିୟୋଜିତ ହୋଇଛନ୍ତି।

ସୂଚନାଯୋଗ୍ୟ, ୨୦୨୦ ମସିହାରୁ ରାଜ୍ୟ ଓ ଜିଲାର ବିଭିନ୍ନ ସ୍ଥାନରେ ଖନନ ପ୍ରକ୍ରିୟା କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଗୋପ ବ୍ଲକର କୁଶୁପୁରୁ ମୌଜାର କୁଶୁପୁରୁ ଓ ମହଲପଡା ପଞ୍ଚାୟତର ଚିତ୍ରା ମୌଜାରେ ପ୍ରଚୁର ପରିମାଣର ପ୍ରାକୃତିକ ଗ୍ୟାସ ସହିତ ପେଟ୍ରୋଲ ଡିଜେଲର ସନ୍ଧାନ ମିଳିଥିଲା। ସମସ୍ତ କାର୍ଯ୍ୟ ସମ୍ପର୍କରେ ଅଏଲ ଇଣ୍ଡିଆ କମ୍ପାନୀ ପକ୍ଷରୁ ଥିବା ଜଣେ ଇଞ୍ଜିନିୟରଙ୍କୁ ପଚାରିବାରେ କ୍ୱିପା ସଂସ୍ଥା ଦ୍ୱାରା ସମସ୍ତ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦ୍ୱିତୀୟ ପର୍ଯ୍ୟାୟରେ ବଡ଼ ଆକାରର ବୋରିଂ ପ୍ରକ୍ରିୟା ଶେଷ ହେବା ପରେ କେତେ ପରିମାଣର ପ୍ରାକୃତିକ ଗ୍ୟାସ ସହିତ ଅନ୍ୟାନ୍ୟ ଜିନିଷ ରହିଥିବାର ସ୍ପଷ୍ଟ ଚିତ୍ର ଜଣାପଡ଼ିବ ବୋଲି ସୂଚନା ଦେଇଥିଲେ।





ପୁରୀ ଶରଧାବାଲିରେ ମଙ୍ଗଳବାର ଉଦ୍‌ଘାଟିତ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମହୋତ୍ସବରେ ପ୍ରଦର୍ଶିତ କୃଷି ଯୋଜନା ସମ୍ପର୍କରେ ଜଣେ ମହିଳା ବୁଝାଉଛନ୍ତି।




ଭୁବନେଶ୍ୱରସ୍ଥିତ ସୂଚନା ଭବନରେ ମଙ୍ଗଳବାର ମାର୍କାଜୀ ଅଲ୍ ଇଣ୍ଡିଆ ତବ୍‌ଲିଘ୍- ଇ- ଶିରତ ପକ୍ଷରୁ ଆୟୋଜିତ ସଂଖ୍ୟାଲଘୁ ସେଲ୍ ପ୍ରତିଷ୍ଠା ଓ ସଦସ୍ୟତା ପ୍ରଦାନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

